## ଅଲ୍ଲାଃତାଲାଙ୍କ ବାଣୀ

يُؤۡتِی الۡحِکۡمَةَ مَنۡ يَّشَآءُ
وَمَنۡ يُّؤۡتَ الۡحِکۡمَةَ
فَقَدۡ اُوۡتِیَ خَيۡرًا کَثِيۡرًا ؕ
وَمَا يَذَّکَّرُ اِلَّاۤ اُولُوا الۡاَلۡبَابِ ۝

(سورۃ البقرہ:270)

ଅନୁବାଦ - ସେ ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି, ତାହାଙ୍କୁ ତତ୍ୱଜ୍ଞାନ ପ୍ରଦାନ କରନ୍ତି ଏବଂ ଯାହାଙ୍କୁ ତତ୍ୱଜ୍ଞାନ ପ୍ରଦାନ କରାଯାଇଥାଏ (ଜାଣିରଖ ଯେ) ବାସ୍ତବିକ ତାହାକୁ ଏକ ଅତ୍ୟନ୍ତ ଲାଭଦାୟକ ପଦାର୍ଥ ମିଳିଯାଇଛି ଏବଂ (ମନେରଖ ଯେ) ବୁଦ୍ଧିମାନ (ବ୍ୟକ୍ତି)ଙ୍କ ବ୍ୟତୀତ ଅନ୍ୟକେହି ଉପଦେଶ ଗ୍ରହଣ କରନ୍ତି ନାହିଁ ।

(ବକ୍ରାଃ : ୨୭୦)


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 40

ସାପ୍ତାହିକ ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

04 ଅକ୍ଟୋବର୍ 2018    04 ଇଖା 1397 ହି.ଶ    23 ମୋହରମ୍ 1440 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦ୍ଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ଏଲ୍‌ହାମୀ ବାକ୍ୟଗୁଡିକରେ ଯେଉଁ ମରିୟମ୍ ଏବଂ ଇସା (ବିଷୟରେ ଲିପିବଦ୍ଧ ହୋଇଛି) ତାହାର ଅର୍ଥ ହେଉଛି ମୁଁ ନିଜେ । ମୋ ପାଇଁ ଏହା କୁହାଯାଇଛି କି ଆମେ ତାକୁ ନିଦର୍ଶନ ବନାଇବୁ ଓ ପୁଣି କୁହାଯାଇଛି କି ଇଏ ହେଉଛନ୍ତି ସେହି ଇସା ଇବ୍‌ନେ ମରିୟମ୍ ଯାହାଙ୍କୁ ଆସିବାର ଥିଲା ଓ ଯାହାଙ୍କ ସମ୍ବନ୍ଧରେ ଲୋକମାନେ ସନ୍ଦେହ କରୁଛନ୍ତି, ଏହା ହେଉଛି ବାସ୍ତବିକ ସତ୍ୟ ଏବଂ ଆସିବାକୁ ଥିବା (ଇସା) ହେଉଛନ୍ତି ଏହି (ବ୍ୟକ୍ତି) । ଏବଂ ସନ୍ଦେହ କେବଳ ଅଜ୍ଞାନତା ଯୋଗୁଁ ହେଉଅଛି, ଯେଉଁମାନେ ଇଶ୍ୱରଙ୍କ ରହସ୍ୟକୁ ବୁଝୁନାହାଁନ୍ତି ଏବଂ ଆକୃତି ପୂଜକ ଅଟନ୍ତି । ବାସ୍ତବିକତା ଉପରେ ତାଙ୍କର ନଜର ନାହିଁ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ହେ ପିୟ (ଲୋକମାନେ) ! ଚିନ୍ତା ଓ ବିବେଚନା କର ଏବଂ ଇଶ୍ୱରଙ୍କୁ ଭୟ କର । ଏ କାର୍ଯ୍ୟ କଦାପି ମନୁଷ୍ୟର କାର୍ଯ୍ୟ ନୁହେଁ । ଏହି ସୂକ୍ଷ୍ମ ଓ ଗୁଢ଼ ରହସ୍ୟ ଗୁଡିକ ମନୁଷ୍ୟର ଜ୍ଞାନ ଓ ଆକଳନର ଉର୍ଦ୍ଧ୍ୱରେ ରହିଛି । ଯଦି ବରାହିନେ ଅହେମଦୀୟାର ରଚନା ସମୟରେ, ଯାହାକୁ (ରଚନା ହେବାର) ଏକ ଯୁଗ ବିତିଗଲାଣି, (ସେତେବେଳେ) ଯଦି ମୋର ଏ ଯୋଜନା କରିବାର ଚିନ୍ତାଧାରା ଥାଆନ୍ତା ତେବେ ମୁଁ ସେହି ବରାହିନେ ଅହେମଦୀୟାରେ ଏହା କାହିଁକି ଲେଖିଥାଆନ୍ତି କି ଇସା ମସିହ୍ ଇବ୍‌ନେ ମରିୟମ୍ ଆକାଶରୁ ପୁନର୍ବାର ଆସିବେ ବୋଲି । ସୁତରାଂ ଯେହେତୁ ଇଶ୍ୱର ଜାଣିଥିଲେ କି ଏହି ନୁକ୍‌ତା (ରହସ୍ୟ) ବିଷୟରେ ଜ୍ଞାନ ଥିଲେ ଏହି ଦଲିଲ୍‌ଟି ଦୁର୍ବଳ ହୋଇଯିବ । ସେଥିପାଇଁ ଯଦିଚ ସେ ବରାହିନେ ଅହେମଦୀୟାର ତୃତୀୟ ଭାଗରେ ମୋ ନାମକୁ ମରିୟମ୍ ରଖିଛନ୍ତି ପୁଣି ଯେପରିକି ବରାହିନେ ଅହେମଦୀୟାରୁ ପ୍ରକାଶିତ ଯେ ଦୁଇବର୍ଷ ପର୍ଯ୍ୟନ୍ତ ସିଫତେ ମରିୟମିୟତ୍ (ମରିୟମ୍‌ଙ୍କ ଗୁଣ ବିଶେଷ୍ୟ)ରେ ମୁଁ ଲାଳନ ପାଳନ ହେଲି ଓ ପର୍ଦ୍ଦା (ଆଢୁଆଳ)ରେ ବଢ଼ିବାକୁ ଲାଗିଲି । ପୁଣି ଏହାକୁ ଯେତେବେଳେ ଦୁଇବର୍ଷ ବିତିଗଲା, ଯେପରିକି ବରାହିନେ ଅହେମଦୀୟାର ଚତୁର୍ଥ ଭାଗ ପୃଷ୍ଠା-୪୯୬ ରେ ଦରଜ ହୋଇଛି, ମରିୟମ୍‌ଙ୍କ ଭଳି ଇସାଙ୍କ ଆତ୍ମା ମୋ ଭିତରେ ଫୁଙ୍କାଯାଇଛି । ଏବଂ ଇସ୍ତେଆରା (ଉପମା) ସ୍ୱରୂପ ମୋତେ ଗର୍ଭବତୀ ରୂପେ ଅଭିହିତ କରାଗଲା ଓ ଶେଷରେ କେତେମାସ ପରେ, ଯାହା ଦଶମାସରୁ ଅଧିକା ନୁହେଁ, ଉକ୍ତ ଏଲ୍‌ହାମ୍ ମାଧ୍ୟମରେ, ଯାହା ପରିଶେଷରେ ବରାହିନେ ଅହେମଦୀୟା ଚତୁର୍ଥ ଭାଗ ପୃଷ୍ଠା-୫୫୬ରେ ଦରଜ ହୋଇଛି, (ସେଥିରେ) ମୋତେ ମରିୟମ୍‌ରୁ ଇସା ବନାଗଲା । ସୁତରାଂ ଏହିପରି ମୁଁ ଇବ୍‌ନେ ମରିୟମ୍ ହୋଇଗଲି ଏବଂ ଖୁଦା ବରାହିନେ ଅହେମଦୀୟା (ଲେଖାଯିବା) ସମୟରେ ଏହି ଗୁପ୍ତ ରହସ୍ୟ ସମ୍ବନ୍ଧରେ ମୋତେ ଖବର ଦେଇନଥିଲେ । ଯେବେ କି ଏହି ଐଶ୍ୱରିକ ୱହି (ସ୍ୱର୍ଗବାଣୀ), ଯାହା ଭିତରେ ସେହି ରହସ୍ୟ ନିହିତ ଥିଲା, ତାହା ମୋ ଉପରେ ଅବତୀର୍ଣ୍ଣ ହୋଇଥିଲା । ଏବଂ ବରାହିନେ ଅହେମଦୀୟାରେ ଦରଜ ହେଲା । କିନ୍ତୁ ତାର ଅର୍ଥ ଓ ତାର କ୍ରମ ବିଷୟରେ ମୋତେ ଏତେଲା ଦିଆଯାଇନଥିଲା । ସେଇଥିପାଇଁ ମୁଁ ମୁସଲ୍‌ମାନ୍ ମାନଙ୍କ ତଥାକଥିତ ପ୍ରଥାକୁ ବରାହିନେ ଅହେମଦୀୟାରେ ଲେଖିଦେଲି । ଯଦ୍ୱାରା ମୋ ସରଳପଣିଆ ଏବଂ ମୋର ପ୍ରାକୃତିକ ଅବସ୍ଥାର ସେମାନେ ସାକ୍ଷୀ ହୋଇ ରହିବେ । ତାହା....ଲେଖିବା ଯାହା ଏଲ୍‌ହାମୀ (ଐଶିବାଣୀ) ନଥିଲା କେବଳ ତଥାକଥିତ ପ୍ରଥା ଥିଲା, ବିରୋଧି ମାନଙ୍କ ପାଇଁ ପ୍ରାମାଣିକ ନୁହେଁ । କାରଣ ମୋତେ ସ୍ୱୟଂ ଗଏବ୍ (ଭବିଷ୍ୟଜ୍ଞାନ) ଥିବାର ଦାବୀ ନାହିଁ, ଯେପର୍ଯ୍ୟନ୍ତ ଖୁଦାତାଲା ମୋତେ ବୁଝାଇ ନଦେଇଛନ୍ତି । ସୁତରାଂ ସେପର୍ଯ୍ୟନ୍ତ ଇଶ୍ୱରଙ୍କର ଇଛା ଏହାଥିଲା କି ବରାହିନେ ଅହେମଦୀୟାର କିଛି ଏଲ୍‌ହାମୀ ରହସ୍ୟକୁ ମୁଁ ବୁଝି ପାରିନଥାନ୍ତି । କିନ୍ତୁ ଯେବେ (ଉଚିତ) ସମୟ ଆସିଲା ସେତେବେଳେ ଉକ୍ତ ରହସ୍ୟକୁ ମୋତେ ବୁଝାଇ ଦିଆଗଲା । ସେତେବେଳେ ଯାଇ ମୁଁ ଜାଣିପାରିଲି ଯେ ମୋର ଏହି ମସିହ୍ ମଉଦ୍ ହେବାର ଦାବୀ କରିବା କୌଣସି ନୁଆ କଥା ନୁହେଁ । ଏହା ସେହି ଦାବୀ ଯାହା ବରାହିନେ ଅହେମଦୀୟାରେ ବାରମ୍ବାର ବ୍ୟାଖ୍ୟା କରାଯାଇ ଲେଖାହୋଇଅଛି । ଏଠାରେ ଆଉଗୋଟିଏ ଏଲ୍‌ହାମ୍ ବିଷୟରେ ମୁଁ ଚର୍ଚ୍ଚା କରୁଅଛି ଓ ମୋର ମନେନାହିଁ କି ମୁଁ ସେହି ଏଲ୍‌ହାମ୍‌ଟିକୁ ନିଜର କୌଣସି ପତ୍ରିକା ବା ଇସ୍ତେହାର୍‌ରେ ପ୍ରକାଶ କରିଛି ବା ନାହିଁ, କିନ୍ତୁ ଏହା ମନେଅଛି କି ତାହା ମୁଁ ଶହଶହ ଲୋକଙ୍କୁ ଶୁଣାଇଥିଲି ଏବଂ ମୋ ମାନସପଟରେ ଥିବା ଏଲ୍‌ହାମ୍ ଗୁଡିକ ମଧ୍ୟରେ ତାହା ମହଜୁଦ୍ ଅଛି । ଏବଂ ତାହା ହେଉଛି ସେ ଯୁଗର ଯେବେ ମୋତେ ଇଶ୍ୱର ମରିୟମ୍‌ଙ୍କ ଉପାଧି ଦେଇଥିଲେ ଏବଂ ଆତ୍ମା ଫୁଙ୍କିବାର ଏଲ୍‌ହାମ୍ କଲେ । ତା ପରେ ଯାଇ ପୁଣି ଏ ଏଲ୍‌ହାମ୍ ହୋଇଥିଲା । *ଫଅଜାଅହଲ ମଖାଜୁ ଇଲା ଜିଜିଇନ୍ ନଖଲତି କାଲତ୍ ୟାଲୈତନି ମିତ୍‌ତୁ କବ୍‌ଲା ହାଜା ୱକୁନ୍‌ତୁ ନସିୟମ୍ ମନ୍‌ସିୟା* ଅର୍ଥାତ୍ ପୁଣି ମରିୟମ୍‌କୁ, ଯାହାଙ୍କ ସ୍ୱରୂପ ହେଉଛି ଏ ଅଧମ (ଉକ୍ତ) ଗର୍ଭଦୁଃଖ ଖଜୁରୀ ଗଛର ଡାଳ ଆଡକୁ ଟାଣି ନେଇ ଆସିଲା ଅର୍ଥାତ୍ ସାଧାରଣ ଜନତା, ମୂର୍ଖ ଓ ଅଜ୍ଞାନ ୱଲେମାଙ୍କ ସହିତ ମୋର ସଂଯୋଗ ହେଲା, ଯେଉଁମାନଙ୍କ ନିକଟରେ ଇମାନ୍‌ର ଫଳ ନଥିଲା ଓ ଯେଉଁମାନେ ତକ୍‌ଫିର୍ ୱ ତୌହିନ୍ (ଅବମାନନା ଏବଂ ତିରଷ୍କାର)କଲେ ଓ ଗାଳିଦେଲେ ଏବଂ ଗୋଟିଏ ଝଡତୋଫାନ୍ ସୃଷ୍ଟି କଲେ । ସେତେବେଳେ ମରିୟମ୍ କହିଲେ କି ସମ୍ଭବତଃ ଏହା ପୂର୍ବରୁ ମୁଁ ମରିଯାଇଥାଆନ୍ତି କି ମୋର ନାମ ଓ ଚିହ୍ନବର୍ଣ୍ଣ ବାକି ରହିନଥାନ୍ତା କି । ଏହା ସେହି କୋଳାହଳ ପ୍ରତି ଇଙ୍ଗିତ କରାଯାଇଛି ଯାହାକୁ ପ୍ରାରମ୍ଭରେ ମୌଲବୀ ମାନଙ୍କ ତରଫରୁ ଏକାଠି କରାଯାଇଥିଲା ଏବଂ ସେମାନେ ଏହି ଦାବୀକୁ ବର୍‌ଦାସ୍ତ କରିପାରିଲେ ନାହିଁ ଓ ମୋତେ ପ୍ରତ୍ୟେକ ପ୍ରକାର ଆଳରେ ନିଃଶେଷ କରିଦେବା ପାଇଁ ଚାହିଁଲେ । ତେବେ ସେତେବେଳେ ଯେଉଁ ପୀଡା ଓ ବେଦନା, ଅଜ୍ଞାନମାନଙ୍କ କୋଳାହଳକୁ ଦେଖି ମୋ ହୃଦୟରେ ସୃଷ୍ଟିହେଲା ତାହାର ନକ୍‌ସା ଖୁଦାତାଲା ଏଠାରେ ଆଙ୍କିଛନ୍ତି ଏବଂ ସେ ସମ୍ବନ୍ଧରେ ଆହୁରି ମଧ୍ୟ ଏଲ୍‌ହାମ୍ ଥିଲା ଯେପରି *ଲକଦ୍ ଜିଇତା ଶୈଅନ୍ ଫରିୟନ୍ ମାକାନା ଅବୁକିମ୍ ରଅ ସଓଇନ୍ ୱ ମା କାନତ୍ ଉମ୍ମୁକି ବଗିୟା* ଏବଂ ପୁଣି ତତ୍ ସହିତ ବରାହିନେ ଅହେମଦୀୟାର ପୃଷ୍ଠା ୫୨୧ରେ ଅବସ୍ଥିତ ଏବଂ ତାହା ହେଉଛି *ଆଲୈସଲ୍ଲାହୋ ବେକାଫିନ୍ ଅବ୍‌ଦୁହୁ ୱଲି ନଜ୍‌ଅଲ୍‌ହୁ ଆୟତନ୍ ଲିନ୍‌ନାସି ୱରହ୍‌ମତମ୍ ମିନ୍ନା ୱକାନା ଅମ୍‌ରମ୍ ମକ୍‌ଜିୟା କୌଲୁଲ୍ ହକ୍‌କୁଲ୍ଲଜି ଫିହି ତମ୍‌ତରୁନ୍* ଦେଖନ୍ତୁ ବରାହିନେ ଅହେମଦୀୟା ପୃଷ୍ଠା-୫୧୬, ଧାଡି-୧୨,୧୩ (ଅନୁବାଦ) ଏବଂ ଲୋକମାନେ କହିଲେ କି ହେ ମରିୟମ୍ ତୁମେ ଏପରି ଅପ୍ରିୟ ଓ ଘୃଣୀତ କାର୍ଯ୍ୟ କରି ଦେଖାଇଛ ଯାହା ସତ୍ୟବାଦୀତାରୁ (ବହୁ) ଦୂରରେ ଅଛି । ତୁମ ବାପ*ଏବଂ ତୁମ ମା' ତ ଏପରି ନଥିଲେ । କିନ୍ତୁ ଖୁଦା ସେହି ମିଥ୍ୟାରୋପ ଗୁଡିକରୁ ନିଜ ଭକ୍ତଙ୍କୁ ନିର୍ଦ୍ଦୋଶରେ ମୁକ୍ତି କରିବେ ଏବଂ ଆମେ ତାକୁ ଲୋକମାନଙ୍କ ନିମନ୍ତେ ଗୋଟିଏ ନିଦର୍ଶନ ବନାଇଦେବୁ ଏବଂ ଏକଥା ପ୍ରାରମ୍ଭରୁ ନିଶ୍ଚିତ ଥିଲା ଏବଂ ଏପରି ହିଁ ହେବାର ଥିଲା । ଏ ହେଉଛନ୍ତି ଇସା ଇବ୍‌ନେ ମରିୟମ୍, ଯାହାଙ୍କ ସମ୍ବନ୍ଧରେ ଲୋକମାନେ ସନ୍ଦେହ କରୁଛନ୍ତି । ଏହା ହିଁ ସତ୍ୟବଚନ । ଏହା ସବୁ ବରାହିନେ ଅହେମଦୀୟାର ବାକ୍ୟ ଏବଂ ଏହି ଏଲ୍‌ହାମ୍ ଅସଲରେ ହେଉଛି ପବିତ୍ର କୋରାନ୍‌ର ଆୟତ ଯାହା ହଜ୍‌ରତ୍ ଇସା ଓ ତାଙ୍କ ମା'ଙ୍କ ସମ୍ବନ୍ଧରେ ରହିଛି । ସେହି ଆୟତ ଗୁଡିକରେ ଯେଉଁ ଇସାଙ୍କୁ ଲୋକମାନେ ଅବୈଧ ଜନ୍ମ ହୋଇଥିବା ମନୁଷ୍ୟ ରୂପେ ଅଭିହିତ କରିଛନ୍ତି ତାଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା କହୁଛନ୍ତି କି ଆମେ ତାକୁ ନିଜର ନିଦର୍ଶନ ବନାଇବୁ ଏବଂ ଏ ହେଉଛି ସେହି ଇସା ଯାହାଙ୍କୁ ଅପେକ୍ଷା କରାଯାଉଥିଲା ଏବଂ ଏଲ୍‌ହାମୀ ବାକ୍ୟଗୁଡିକରେ ଯେଉଁ ମରିୟମ୍ ଏବଂ ଇସା (ବିଷୟରେ ଲିପିବଦ୍ଧ ହୋଇଛି) ତାହାର ଅର୍ଥ ହେଉଛି ମୁଁ ନିଜେ । ମୋ ପାଇଁ ଏହା କୁହାଯାଇଛି କି ଆମେ ତାକୁ ନିଦର୍ଶନ ବନାଇବୁ ଓ ପୁଣି କୁହାଯାଇଛି କି ଇଏ ହେଉଛନ୍ତି ସେହି ଇସା ଇବ୍‌ନେ ମରିୟମ୍ ଯାହାଙ୍କୁ ଆସିବାର ଥିଲା ଓ ଯାହାଙ୍କ ସମ୍ବନ୍ଧରେ ଲୋକମାନେ ସନ୍ଦେହ କରୁଛନ୍ତି, ଏହା ହେଉଛି ବାସ୍ତବିକ ସତ୍ୟ ଏବଂ ଆସିବାକୁ ଥିବା (ଇସା) ହେଉଛନ୍ତି ଏହି (ବ୍ୟକ୍ତି) । ଏବଂ ସନ୍ଦେହ କେବଳ ଅଜ୍ଞାନତା ଯୋଗୁଁ ହେଉଅଛି ଯେଉଁମାନେ ଇଶ୍ୱରଙ୍କ ରହସ୍ୟକୁ ବୁଝୁନାହାଁନ୍ତି ଏବଂ ଆକୃତି ପୂଜକ ଅଟନ୍ତି । ବାସ୍ତବିକତା ଉପରେ ତାଙ୍କର ନଜର ନାହିଁ । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୫୦-୫୨)

(*ହାସିୟା) ନୋଟ୍ - ଏହି ଏଲ୍‌ହାମ୍‌ରୁ ମୋତେ ମନେପଡିଗଲା କି ବଟାଲାରେ ଫଜଲ୍ ଶାହ୍ ବା ମହେର୍ ଶାହ୍ ନାମକ ଜଣେ ସୟଦ୍ ଥିଲେ ଯିଏ ମୋ ବାପାଙ୍କ ସହିତ ପ୍ରେମ ଓ ସ୍ନେହଭାବ ରଖୁଥିଲେ ଏବଂ ବହୁତ ଘନିଷ୍ଠ ସମ୍ପର୍କ ଥିଲା । ଯେବେ ମୋର ମସିହ୍ ମଉଦ୍ ହେବାର ଦାବି କରିବାର କେହିଜଣେ ତାଙ୍କୁ ଖବର ଦେଲେ ସେ ଏହା ଶୁଣି ବହୁତ କାନ୍ଦିଲେ ଓ କହିଲେ କି ତାଙ୍କ ବାପା ବହୁତ ଭଲ ଲୋକଥିଲେ। ଅର୍ଥାତ୍ ଏ ଲୋକ କାହାଠାରୁ ଜନ୍ମହେଲା । ତାଙ୍କ ବାପା ତ ପୁଣ୍ୟବନ୍ତ ଥିଲେ ଓ ମିଥ୍ୟାଚାରୀ କାର୍ଯ୍ୟକଳାପରୁ ବହୁତ ଦୂରରେ ଥିଲେ ଏବଂ ସିଧାସାଧା ଓ ସରଳ ହୃଦୟ ରଖିଥିବା ମୁସଲ୍‌ମାନ୍ ଥିଲେ । ଏହିପରି ଅନେକ ଲୋକ କହିଛନ୍ତି କି ତୁମେ ଏପରି ଦାବି କରି ନିଜ କୁଟୁମ୍ବ ଉପରେ କଳଙ୍କ ଲଗାଇଛ । ମିନ୍‌ହୁ ।

### ୧୨୪ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୪ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୮ ମସିହା ଡିସେମ୍ବର୍ ତା-୨୮,୨୯,୩୦ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ

**(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ଆପଣମାନଙ୍କ ପାଇଁ ମୋର ଏହି ବାର୍ତା ରହିଛି କି ଜମାତ୍‌ର ପ୍ରତ୍ୟେକ ସଦସ୍ୟ ବାଜମାତ୍ ନମାଜ୍ ପାଠ କରିବାବାଲା ହୋଇଯାଉ । ନମାଜ ଉପାସନାର ଏକ ଉତମ ସ୍ୱରୂପ । ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବାର ଉତମ ମାଧ୍ୟମ ଏବଂ ମୋମିନ୍‌ର ଆଧାତ୍ମିକ ଜୀବନକୁ ସୁରକ୍ଷା କରିବା ପାଇଁ ଆବଶ୍ୟକ ।**

**ଅଲ୍ଲାଃତାଲାଙ୍କ ଉପାସନା ହିଁ ହେଉଛି ସେହି ଶକ୍ତି ଯାହାକୁ ଆଧାର କରି ଅହେମଦୀୟତ୍ ସଂସାରରେ ଇସ୍‌ଲାମ୍‌କୁ ବିଜୟୀ କରାଇବ । ଏହା ହିଁ ସେହି ମାଧ୍ୟମ ଯାହା ଜରିଆରେ ଅହେମଦୀୟତ୍‌ର ଗାଡି ଆଗକୁ ଆଗକୁ ମାଡିଚାଲିବ ।**

## ଜଲ୍‌ସାସାଲାନା ସ୍ପେନ୍ ଅନୁଷ୍ଠିତ ୧୩,୧୪ ଅକ୍ଟୋବର ୨୦୧୭ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତା

ଜମାତ୍ ଅହେମଦୀୟା ସ୍ପେନ୍‌କୁ ନିଜର ୩୦ତମ ଜଲ୍‌ସାସାଲାନା ୧୩,୧୪ ଅକ୍ଟୋବର ୨୦୧୭ ତାରିଖ ଦିନ ମସ୍‌ଜିଦ୍ ବିଶାରତ୍ ପେଦ୍‌ରୋ ଆବାଦ୍‌ଠାରେ ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ମିଳିଲା । ଜଲ୍‌ସାରେ ଯୋଗଦେଦବା ପାଇଁ ଖବରକାଗଜ ଗୁଡିକରେ ନିମନ୍ତ୍ରଣପତ୍ର ଛପାଯାଇଥିଲା ଓ ସ୍ଥାନୀୟ ରେଡିଓ ଷ୍ଟେସନ୍‌ରେ ମଧ୍ୟ ଜଲ୍‌ସାରେ ଯୋଗ ଦେବାପାଇଁ ନିମନ୍ତ୍ରଣ ଦିଆଯାଇଥିଲା । ତତ୍‌ସହିତ ଦେଶର ବିଭିନ୍ନ ଗୁରୁତ୍ୱପୁର୍ଣ୍ଣ ବ୍ୟକ୍ତି ବିଶେଷ ମାନଙ୍କ ସହିତ ଯୋଗାଯୋଗ କରି ସେମାନଙ୍କୁ ଜଲ୍‌ସାରେ ସାମିଲ୍ ହେବାପାଇଁ ନିମନ୍ତ୍ରଣ ଦିଆଗଲା । ପ୍ରଥମ ଦିନ ନମାଜ ଜୁମା ପାଠ ଓ ଦ୍ୱିପ୍ରହର ଖାଦ୍ୟପରେ ପର୍‌ଚମ୍ କୁଶାଇ (ପତାକା ଉତୋଳନ) ଉତ୍ସବ ଅନୁଷ୍ଠିତ ହେଲା । ପ୍ରଥମ ସେଶନ୍‌ର ଶୁଭାରମ୍ଭ ମୋକରମ୍ ଅମୀର୍ ସାହେବ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ତିଲାଓ୍ୱତେ କୋରାନ୍ କରିମ୍ ଓ ନଜମ୍ ପାଠ ପରେ ମୋକରମ୍ ଅମୀର୍ ସାହେବ୍ ଜଲ୍‌ସା ସାଲାନା ସ୍ପେନ୍ ଅବସରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ନିକଟରୁ ମିଳିଥିବା ବାର୍ତାକୁ ଜମାତ୍‌ର ସଦସ୍ୟମାନଙ୍କ ସମ୍ମୁଖରେ ପଢ଼ି ଶୁଣାଇଲେ, ଯାହାକୁ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ୧ଜୁନ୍ ୨୦୧୮ କୁ ଧନ୍ୟବାଦ ଅର୍ପଣ କରି ଉପସ୍ଥାପନ କରାଯାଉଛି । (ଏଡିଟର୍)

ଜମାତ୍ ଅହେମଦୀୟା ସ୍ପେନ୍‌ର ପ୍ରିୟ ସଦସ୍ୟଗଣ !

ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହେମତୁଲ୍ଲାହି ଓ୍ୱ ବରକାତୁହୁ

ଅଲ୍‌ହମ୍‌ଦୋଲିଲ୍ଲାଃ ଜମାତ୍ ଅହେମଦୀୟା ସ୍ପେନ୍‌କୁ ନିଜର ଜଲ୍‌ସାସାଲାନା ଅନୁଷ୍ଠିତ କରିବା ପାଇଁ ସୌଭାଗ୍ୟ ମିଳୁଅଛି । ଅଲ୍ଲାଃତାଲା ଆପଣଙ୍କର ଏହି ଜଲ୍‌ସାକୁ ଖୈର୍ ଓ୍ୱ ବର୍‌କତ୍ (ଉତମ ବୈଭବପୁର୍ଣ୍ଣ) ହେବାର କାରଣ ବନାନ୍ତୁ ଏବଂ ଏହି ଜଲ୍‌ସାର ଜ୍ଞାନ ଓ ଆଧାତ୍ମିକ ବର୍‌କତ୍‌ରୁ ଲାଭାନ୍ୱିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ମୁଁ ଅନ୍‌ସାରୁଲ୍ଲାଃ ୟୁ.କେ ର ଇଜିତିମା ଅବସରରେ ସେମାନଙ୍କୁ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ମୂଳ କଥା ପ୍ରତି ଧ୍ୟାନ ଆକର୍ଷଣ କରାଇଥିଲି ଯାହା ହେଉଛି ଇସ୍‌ଲାମ୍‌ର ମୁଳଖୁଂଟି ଏବଂ ପ୍ରତ୍ୟେକ ମୋମିନ୍ ମୁସଲ୍‌ମାନ୍ ଉପରେ ଧାର୍ଯ୍ୟ ଅଟେ । ସେହି ମୂଳ ଜିନିଷଟି ହେଉଛି ନମାଜ । ପବିତ୍ର କୋରାନ୍ ବାରମ୍ବାର ଏ ବିଷୟରେ ତାଗିଦ୍ କରିଛି । ଆପଣଙ୍କର ଏହି ଜଲ୍‌ସାସାଲାନାରେ ମଧ୍ୟ ମୋର ଆପଣମାନଙ୍କୁ ଏହି ବାର୍ତା ରହିଛି କି ଜମାତ୍‌ର ପ୍ରତ୍ୟେକ ସଦସ୍ୟ ବାଜମାତ ନମାଜ କାଏମ୍ କରିବା ବାଲା ହୋଇଯାଉ । ଅଲ୍ଲାଃତାଲାଙ୍କ ପ୍ରକୃତ ଭକ୍ତ ହେବାପାଇଁ ଏହା ଜରୁରୀ ଅଟେକି ତା ଉପାସନାର ହକ୍‌କୁ ପ୍ରଦାନ କରାଯାଉ ଓ ନମାଜ ହେଉଛି ଉପାସନାର ଏକ ଉତମ ସ୍ୱରୂପ । ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବାର ଉତମ ମାଧ୍ୟମ ଏବଂ ମୋମିନ୍‌ର ଆଧାତ୍ମିକ ଜୀବନକୁ ସୁରକ୍ଷିତ କରିବା ପାଇଁ ଏହା ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ ଉପାସନା ହେଉଛି ଏପରି ଶକ୍ତି ଯାହା ମାଧ୍ୟମରେ ଅହେମଦୀୟତ୍ ଏ ସଂସାରରେ ଇସ୍‌ଲାମ୍‌କୁ ବିଜୟୀ କରାଇବ । ଏହା ହେଉଛି ସେହି ମାଧ୍ୟମ ଯାହା ଜରିଆରେ ଅହେମଦୀୟତ୍‌ର ଗାଡି ଆଗକୁ ଆଗକୁ ମାଡିଚାଲିବ ।

ଆପଣମାନେ ଯେଉଁମାନେ ଏହି ଜଲ୍‌ସା ନିମନ୍ତେ ଏକତ୍ରିତ ହୋଇଛନ୍ତି ଏ ଶପଥ କରନ୍ତୁ କି ନମାଜକୁ ତାର ଉପଯୁକ୍ତ ସମୟରେ ପାଠ କରିବେ ଏବଂ କେବଳ ସେହି ଆବଶ୍ୟକ ସମୟରେ ଯେଉଁ ସମୟରେ ଅଲ୍ଲାଃତାଲା ନମାଜ ଜମା କରିବା ପାଇଁ ଅନୁମତି ଦେଇଛନ୍ତି ତା ବ୍ୟତୀତ ଜମା କରନାହିଁ । ମୁଁ ପ୍ରଥମେ ମଧ୍ୟ ଏଥିପ୍ରତି ଅନେକଥର ଧ୍ୟାନ ଆକର୍ଷଣ କରାଇଛି କି ମସ୍‌ଜିଦ୍‌ରେ ଯାଇ ବାଜମାତ୍ ନମାଜ ପଢ଼ିବା ପାଇଁ ଚେଷ୍ଟା କରାଯାଉ । ଯଦି ମସ୍‌ଜିଦ୍ ନାହିଁ ତେବେ ନମାଜ୍ ସେଂଟର୍ ବନାନ୍ତୁ ଏବଂ ସେଠାରେ ଅହେମଦୀମାନେ ଏକତ୍ରିତ ହୋଇ ନମାଜ ପଢ଼ନ୍ତୁ । ଘରେ ନିଜ ସ୍ତ୍ରୀ ପିଲାଙ୍କ ସହିତ ବାଜମାତ୍ ନମାଜର ବ୍ୟବସ୍ଥା କରନ୍ତୁ । ନିଜ ଘରକୁ ଏପରି ସଜାଡନ୍ତୁ କି ତାହା ଉପାସନା ଓ ଜିକ୍‌ରେ ଏଲାହି ଦ୍ୱାରା ପରିପୁର୍ଣ୍ଣ ରହିବ ।

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ପବିତ୍ର କୋରାନ୍‌ର ଆଲୋକରେ ନମାଜର ଯେଉଁ ନକ୍‌ସା ଟାଣିଛନ୍ତି ତାହା ହେଉଛି ଏପରିକି ନମାଜ ଏଭଳି ବସ୍ତୁ ଯାହାକୁ ଯଦି ଜୋର୍ ଲଗାଇ ଏବଂ ଧ୍ୟାନର ସହିତ ଛିଡା ନ କରାଯାଏ ତାହା ପଡ଼ିଯିବ । ଆପଣ ଆ:ସ ପୁଣି କହୁଛନ୍ତି କି ପବିତ୍ର କୋରାନ୍‌ରେ ଯେଉଁ କଥା ବାରମ୍ବାର କୁହାଯାଇଛି ଅର୍ଥାତ୍ ନମାଜ୍‌କୁ ଛିଡାକର ଏବଂ ବହୁଳ ମାତ୍ରାରେ ବିଭିନ୍ନ ଶୈଳୀରେ ଏହାକୁ ବର୍ଣ୍ଣନା କରାଯାଇଛି । ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବା ଉଦ୍ଦେଶ୍ୟ ହେଉଛି କି ନମାଜ ନିଜେ ଛିଡା ହୁଏନାହିଁ । ଯେତେବେଳେ ମଧ୍ୟ ଆପଣ ତା ପ୍ରତି ଅସାବଧାନତା ଅବଲମ୍ବନ କରିବେ ତାହା ପଡିଯିବ । ସେଇଥିପାଇଁ ବିଶେଷ ରୂପେ ପ୍ରତ୍ୟେକ ଅହେମଦୀକୁ ନିଜ ନମାଜକୁ ସୁରକ୍ଷା ରଖିବାକୁ ହେବ । ସମସ୍ତ ନିଜାମ୍ ଅପେକ୍ଷା ବାଜମାତ୍ ନମାଜ୍‌କୁ ପ୍ରାଥମିକତା ଦେବାକୁ ହେବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି–

''ନମାଜ ହେଉଛି ଏପରି ବସ୍ତୁ ଯାହା ମାଧ୍ୟମରେ ଆକାଶ ମନୁଷ୍ୟ ଉପରେ ନଇଁ ପଡ଼ିଥାଏ । ନମାଜ୍‌ର ହକ୍ ପ୍ରଦାନ କରିବା ବାଲା ଏପରି ଭାବିଥାଏ କି ମୁଁ ମରିଯାଇଛି ଓ ତାର ଆତ୍ମା ତରଳିଯାଇ ଇଶ୍ୱରଙ୍କ ଦ୍ୱାରରେ ଯାଇ ପଡ଼ିଥାଏ.... ଯେଉଁଘରେ ନମାଜ ହେବ ସେ ଘର ନିଃଶେଷ ହେବନାହିଁ.... । ଏହାର ହୁକୁମ୍ ପ୍ରତ୍ୟେକ ଦିନ ପାଂଚବେଳା ପଢ଼ିବାର ହୋଇଛି । ସେଥିପାଇଁ ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନମାଜ ନହେବ ସେପର୍ଯ୍ୟନ୍ତ ସେହି ସବୁ ବର୍‌କାତ୍ ମଧ୍ୟ ମିଳିବ ନାହିଁ, ଯାହା ତାଦ୍ୱାରା ହାସଲ ହୋଇଥାଏ ଏବଂ ସେହି ବୟତ୍‌ର କୌଣସି ଲାଭ ହେବନାହିଁ ।''

(ମଲ୍‌ଫୁଜାତ୍, ତୃତୀୟ ଖଣ୍ଡ, ପୃଷ୍ଠା–୬୨୭, ଏଡିଶନ୍–୨୦୦୩, ମୁଦ୍ରଣ–ରବ୍‌ଓ୍ୱା)

ଦ୍ୱିତୀୟ ଗୁରୁତ୍ୱପୁର୍ଣ୍ଣ ଜିନିଷ ହେଉଛି ହୁକୁକୁଲ୍ ଇବାଦ୍ (ଅର୍ଥାତ୍ ସୃଷ୍ଟିର ଅଧିକାର ପ୍ରଦାନ କରିବା) । ଅଲ୍ଲାଃତାଲାଙ୍କ ହକ୍ ପ୍ରଦାନ କରିବା ସହିତ ତା ଭକ୍ତଙ୍କର ହକ୍ ମଧ୍ୟ ପ୍ରଦାନ କରନ୍ତୁ ଏବଂ ତାହା ଆପଣ ଏପରି ମଧ୍ୟ ପ୍ରଦାନ କରିପାରିବେ କି ଆପଣ ସେମାନଙ୍କୁ ତବ୍‌ଲିଗ୍ କରନ୍ତୁ । ଇସ୍‌ଲାମ୍‌ର ଶାନ୍ତିପ୍ରିୟ ବାର୍ତା ଦ୍ୱାରା ପରିଚିତ କରାନ୍ତୁ ଏବଂ ନିଜର କାର୍ଯ୍ୟଶୈଳୀର ଉଦାହରଣ ସେମାନଙ୍କ ସମ୍ମୁଖରେ ଉପସ୍ଥାପନ କରନ୍ତୁ । ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାଗୁଡିକ ବିଷୟରେ ସେମାନଙ୍କୁ ପରିଚିତ କରାନ୍ତୁ । ଅନ୍ୟ ମୁସଲ୍‌ମାନ୍‌ମାନେ ନିଜର ଆଚରଣ ଦ୍ୱାରା ଇସ୍‌ଲାମ୍‌କୁ କ୍ଷତି ପହଂଚାଇଛନ୍ତି (କିନ୍ତୁ) ଆପଣମାନେ ନିଜର ଉଦାହରଣ ଦ୍ୱାରା ତାହାକୁ ଦୂର କରିବା ପାଇଁ ଚେଷ୍ଟା କରନ୍ତୁ । ଆପଣଙ୍କ ଉପରେ ଅଲ୍ଲାଃତାଲାଙ୍କର ବହୁତ ଅନୁଗ୍ରହ ରହିଛି କି ଆପଣଙ୍କୁ ଖିଲାଫତ୍‌ର ପୁରସ୍କାର ପ୍ରଦାନ କରିଛନ୍ତି ଯାହା ଚିରସ୍ଥାୟୀ ଓ କୟାମତ୍ ପର୍ଯ୍ୟନ୍ତ ଜାରି ରହିବ । ଏହି ଖିଲାଫତ୍ ଯିଏ ପ୍ରତି କ୍ଷଣ ଆପଣମାନଙ୍କୁ ମାର୍ଗ ଦର୍ଶନ କରାଉଛି ଓ ଇସ୍‌ଲାମ୍‌ର ପ୍ରତିରକ୍ଷା କରୁଅଛି ତା ଆଜ୍ଞାବହତା ଏବଂ ମାର୍ଗଦର୍ଶନରେ ଆପଣମାନେ ମଧ୍ୟ ନିଜର ପାଦକୁ ଆଗକୁ ବଢ଼ାନ୍ତୁ ଓ ଇସ୍‌ଲାମେ ଅହେମଦୀୟତ୍‌ର ସୁନ୍ଦର ଶିକ୍ଷାକୁ ସ୍ପେନ୍‌ରେ ପ୍ରସାର କରନ୍ତୁ ଓ ସେମାନଙ୍କୁ ଅହେମଦୀୟତ୍‌ରେ ସାମିଲ୍ କରିବା ପାଇଁ ଭରପୁର୍ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆପଣଙ୍କୁ ଇମାନ୍ ଏବଂ ଇକାନ୍ (ବିଶ୍ୱାସ ଓ ଆସ୍ଥା) ରେ ବଢ଼ାନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କ ଉପରେ ନିଜର ଅଗଣତି କରୁଣା ଅବତୀର୍ଣ୍ଣ କରାନ୍ତୁ । ଆମିନ୍ !

ଓ୍ୱସ୍ ସଲାମ୍ ଖାକ୍‌ସାର୍
ମିର୍ଜା ମସ୍‌ରୁର୍ ଅହେମଦ୍
ଖଲିଫତୁଲ୍ ମସିହିଲ୍ ଖାମିସ୍

# ଖୁତ୍‌ବା ଜୁମା

ଅଲ୍‌ହମ୍‌ଦୋଲିଲ୍ଲାଃ ଆଜିଠୁ ଜମାତ୍ ଅହେମଦୀୟା ଜର୍ମାନୀର ଜଲ୍‌ସାସାଲାନା ଆରମ୍ଭ ହେଉଅଛି ଏବଂ ଅଲ୍ଲାଃତାଲା ଆମକୁ ଆଉଗୋଟିଏ ଜଲ୍‌ସାସାଲାନା ଏବେ ଯୋଗଦେବାପାଇଁ ସୌଭାଗ୍ୟ ପ୍ରଦାନ କରୁଛନ୍ତି ।

ଜଲ୍‌ସାସାଲାନାର ଉଦ୍ଦେଶ୍ୟ ବିଷୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରୁଛନ୍ତି କି ଏ ଜଲ୍‌ସା କୌଣସି ସାଂସାରିକ ମେଳା ନୁହେଁ ଏବଂ ନା ଏଠାରେ ଏକତ୍ରିତ ହେବା କୌଣସି ସାଂସାରିକ ଉଦ୍ଦେଶ୍ୟପାଇଁ ହୋଇଥାଏ ଏବଂ ନା ସଂଖ୍ୟା ଦେଖାଇବା ପାଇଁ ହୋଇଥାଏ ବା ଦୁନିଆ ଉପରେ କୌଣସି ସାଂସାରିକ ପ୍ରଭାବ ପକାଇବା ପାଇଁ ହୋଇନଥାଏ ବରଂ ଏଠାରେ ଆସି ଏକତ୍ରିତ ହୋଇଥିବା ଲୋକମାନଙ୍କୁ କେବଳ ଇଶ୍ୱରଙ୍କ ପାଇଁ ଏକତ୍ରିତ ହେବା ଉଚିତ୍ । ଫଳତଃ ଯେଉଁଠି ନିଜର ଜ୍ଞାନ ଓ ଆଧାତ୍ମିକ ତୃଷ୍ଣାକୁ ମେଂଟାଯାଇପାରିବ । ନିଜ ଜ୍ଞାନ ଓ ଆଧାତ୍ମିକତାରେ ଉନ୍ନତି ଅଣାଯାଇପାରିବ । ସେଠି ଅଲ୍ଲାଃତାଲାଙ୍କ ଭକ୍ତମାନଙ୍କ ଅଧିକାର ସମ୍ବନ୍ଧରେ ଜ୍ଞାନ ହାସଲ କରି ସେମାନଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ଚେଷ୍ଟା କରାଯାଇପାରିବ ।

ଜଲ୍‌ସାସାଲାନାର ଆତିଥ୍ୟକର୍ତା ଏବଂ କାର୍‌କୁନାନ୍ (କର୍ମୀ) ଏବଂ ସେହିପରି ଜଲ୍‌ସାରେ ସାମିଲ୍ ହୋଇଥିବା ଅତିଥିମାନଙ୍କ ନିମନ୍ତେ କୋରାନ୍, ହଦିସ୍ ଏବଂ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉସ୍ ଆ:ସଙ୍କ ଉପଦେଶାବଳୀଗୁଡିକ ପ୍ରସଙ୍ଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପଦେଶ ।

ପ୍ରତ୍ୟେକ କାର୍‌କୁନ୍ ଓ ପ୍ରତ୍ୟେକ ଅହେମଦୀ ମଧ୍ୟ ଯେଉଁମାନେ ଜଲ୍‌ସାରେ ସାମିଲ୍ ହେଉଛନ୍ତି ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ଉପରେ ପରିଚାଳିତ ହୋଇ ତବ୍‌ଲିଗ୍‌ର ଜରିଆ ହେବେ । ସୁନ୍ଦର ଶିକ୍ଷାକୁ ଦେଖାଇବାର ଜରିଆ ହେବେ । ସୁତରାଂ ଏହି ଦୃଷ୍ଟିକୋଣରୁ ଆପଣମାନେ ଯେଉଁମାନେ ଏଠାରେ ସାମିଲ୍ ହୋଇଛନ୍ତି ଓ ଯେଉଁମାନେ ଡ୍ୟୁଟି ଦେଉଛନ୍ତି ସେମାନେ ଏକ ନୀରବ ତବ୍‌ଲିଗ୍ କରୁଅଛନ୍ତି ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୩୧ ଅଗଷ୍ଟ ୨୦୧୮ ଅନୁଯାୟୀ ୦୧ ତବୁକ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଅଲ୍‌ହମ୍‌ଦୋଲିଲ୍ଲାଃ ଆଜିଠାରୁ ଜମାତ୍ ଅହେମଦୀୟା ଜର୍ମାନୀର ଜଲ୍‌ସାସାଲାନା ଆରମ୍ଭ ହେଉଅଛି । ଏହାଦ୍ୱାରା ଅଲ୍ଲାଃତାଲା ଆମକୁ ଆଉଗୋଟିଏ ଜଲ୍‌ସାସାଲାନାରେ ଯୋଗଦେବା ପାଇଁ ସୌଭାଗ୍ୟ ପ୍ରଦାନ କରୁଛନ୍ତି ।

ଜଲ୍‌ସାସାଲାନା କଣ ? ଆମେ ବର୍ଷବର୍ଷରୁ ଏହା ଶୁଣିଆସୁଛୁ ବରଂ ଯେବେଠାରୁ ଜଲ୍‌ସାସାଲାନା ଅନୁଷ୍ଠିତ ହେବାର ଶୁଭାରମ୍ଭ ହେଲାଣି ଅର୍ଥାତ୍ ୧୧୫ବର୍ଷରୁ ଅଧିକା ହେଲାଣି ଆମେ ଏହା ଶୁଣିଆସୁଛୁ କି ଜଲ୍‌ସାସାଲାନାର ଉଦ୍ଦେଶ୍ୟ ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରି ଏହା କହିଛନ୍ତି କି ଏ ଜଲ୍‌ସା କୌଣସି ସାଂସାରିକ ମେଳା ନୁହେଁ । ଏବଂ ନା ଏଠାରେ ଏକତ୍ରିତ ହେବା କୌଣସି ସାଂସାରିକ ଉଦ୍ଦେଶ୍ୟ ଅଛି ଏବଂ ନା ସଂଖ୍ୟାକୁ ଦେଖେଇବା ପାଇଁ ଏବଂ ନା ସଂସାରବାସୀକୁ କୌଣସି ପ୍ରକାରର ସାଂସାରିକ ପ୍ରଭାବ ପକାଇବା ପାଇଁ । (ଉଦ୍ଧୃତ ପୁସ୍ତକ ଶାହାଦତୁଲ୍ କୁର୍‌ଆନ୍, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୩୯୫) ବରଂ ଏଠାକୁ ଆସିଥିବା ଲୋକମାନଙ୍କୁ, ଏଠାରେ ଏକତ୍ରିତ ହୋଇଥିବା ଲୋକମାନଙ୍କୁ କେବଳ ଇଶ୍ୱରଙ୍କ ନିମନ୍ତେ ଏକତ୍ରିତ ହେବା ଉଚିତ୍ ଯଦ୍ୱାରା ଯେଉଁଠି ନିଜର ଜ୍ଞାନ ଓ ଆଧାତ୍ମିକ ତୃଷ୍ଣାକୁ ମେଂଟାଇ ଦିଆଯାଇପାରିବ ସେଠାରେ ନିଜ ଜ୍ଞାନ ଓ ଆଧାତ୍ମିକତାରେ ବୃଦ୍ଧି କରାଯାଇପାରିବ ଏବଂ ସେଠି ଅଲ୍ଲାଃତାଲାଙ୍କ ଭକ୍ତଙ୍କ ଅଧିକାର ସମ୍ବନ୍ଧରେ ଜ୍ଞାନ ହାସଲ କରିବା ଏବଂ ସେହି ସବୁ ଅଧିକାର ଗୁଡିକୁ ପ୍ରଦାନ କରିବା ପାଇଁ ଚେଷ୍ଟା କରାଯାଇପାରିବ ।

କିନ୍ତୁ ମୁଁ ଦୁଃଖର ସହିତ ଏହା କହିବାକୁ ଯାଉଛି କି ଏଠାରେ କିଛି ଲୋକ ଜଲ୍‌ସାସାଲାନାରେ ସାମିଲ୍ ହେବାପାଇଁ ତ ଆସୁଛନ୍ତି କିନ୍ତୁ କିଛି ହାସଲ କରୁନାହାଁନ୍ତି । କେବଳ ଏତିକି ହାସଲ କରୁଛନ୍ତି ଯେ କିଛି ବନ୍ଧୁଙ୍କ ସହିତ ମିଶି କିଛି କଥାବାର୍ତାରେ ସମୟ ଅତିବାହିତ କରିଦେଲେ । ଏପରି ଲୋକେ ପୁଣି ସମସ୍ୟା ମଧ୍ୟ ଉପୁଜାଉଛନ୍ତି । କିଛି ଯୁବକ ଓ ପିଲାମାନଙ୍କ ପାଇଁ ଧୋକାର କାରଣ ମଧ୍ୟ ହେଉଛନ୍ତି । କିଛି ଲୋକେ ଏପରି ଆଚରଣ ମଧ୍ୟ କରିଦେଉଛନ୍ତି ଏବଂ ଏହା ଭାବିନେଉଛନ୍ତି କି ଆମକୁ କେହି ଦେଖିନେଉ ନାହାଁନ୍ତି ବୋଲ । ସର୍ବଦା ଆମକୁ ଏହା ମନେରଖିବାକୁ ହେବ କି ଖୁଦାତାଲା ସର୍ବଦା ଓ ସବୁ ସମୟରେ ଆମକୁ ଦେଖୁଛନ୍ତି ।

ସୁତରାଂ ସର୍ବପ୍ରଥମ କଥା ଯାହା ମୁଁ ଆଜି କହିବାକୁ ଚାହୁଁଛି ତାହା ହେଉଛି ଏହା କି ପ୍ରତ୍ୟେକଙ୍କ ମନରେ ଏକଥା ନିଶ୍ଚିତ କରିନେବା ଉଚିତ୍ ହେବ କି ଏ ଜଲ୍‌ସା ହେଉଛି କେବଳ ଆଧାତ୍ମିକ ଜଲ୍‌ସା । ଏହାକୁ ଅନୁଷ୍ଠିତ ଏଇଥିପାଇଁ କରାଯାଉଛି ଯଦ୍ୱାରା ଆମେ ତକ୍‌ୱା (ଧର୍ମପରାୟଣତା) ରେ ଉନ୍ନତି କରିବା ଓ ଇଶ୍ୱରଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ଓ ଏହି ସମ୍ପର୍କକୁ ଆହୁରି ଅଧିକା ବଢ଼ାଇପାରିବା । କିଛି ଅଣ ଅତିଥିଙ୍କ ସମ୍ମୁଖରେ ପର୍ଦ୍ଦାପୋସି (ଦୋଷ ଦୁର୍ବଳତା ଘୋଡାଇ ହୋଇ ରହିବା) ତ ହୋଇଯାଉଛି । ସେମାନଙ୍କ ସାମ୍‌ନାରେ ସତର୍କତା ମଧ୍ୟ ଅବଲମ୍ବନ କରାଯାଉଛି ଓ କିଛିଟା ଅଲ୍ଲାଃତାଲା ମଧ୍ୟ ପର୍ଦ୍ଦାପୋସୀ କରିଦେଉଛନ୍ତି କି କିଛି ଲୋକଙ୍କ ଭୁଲ୍ ଓ ଖରାପ ଆଚରଣ ଯୋଗୁ ଜମାତ୍‌ର ବଦ୍‌ନାମୀ ନହେଉ । ସେ ଯାହାହେଉ ଯେପରି ମୁଁ କହିଲି କି ଆଜି ପ୍ରଥମ କଥା ଯାହା ପ୍ରତି ମୁଁ ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି ତାହା ହେଉଛି ଜଲ୍‌ସାର ଉଦ୍ଦେଶ୍ୟ କଣ ? ତାର ଉଦ୍ଦେଶ୍ୟ ହେଉଛି ତାହା ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ବତାଇଛନ୍ତି ଅର୍ଥାତ୍ ତକ୍‌ୱା ସୃଷ୍ଟି ହେବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଲ୍‌ସାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟକୁ ବର୍ଣ୍ଣନା କରି ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ନିମନ୍ତେ କହୁଛନ୍ତି କି ''ସେମାନଙ୍କ ଭିତରେ ଇଶ୍ୱରଙ୍କ ଭୟ ସୃଷ୍ଟି ହେଉ ଏବଂ ସେମାନେ ନିଷ୍ଠା, ତକ୍‌ୱା, ଇଶ୍ୱରନ୍ୱେଷୀ, ପର୍‌ହେଜ୍‌ଗାରୀ (ସଞ୍ଜମତା), ନମ୍ର ହୃଦୟ, ଆପୋଷ ପ୍ରେମଭାବ ଏବଂ ଭାଇଚାରାରେ ଅନ୍ୟମାନଙ୍କ ପାଇଁ ଏକ ଦୃଷ୍ଟାନ୍ତ ହୋଇଯାଓ ଓ ବିନମ୍ରଭାବ, ନମ୍ର ଆଚରଣ ଏବଂ ସତ୍ୟବାଦୀତା ତାଙ୍କ ଭିତରେ ସୃଷ୍ଟି ହେଉ'' ।

(ଶାହାଦତୁଲ୍ କୁର୍‌ଆନ୍, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୩୯୪)

ପୁଣି ଆପଣ ଆ:ସ ଜମାତ୍‌କୁ ଉପଦେଶ ଦେଇ କହୁଛନ୍ତି- ''ତକ୍‌ୱା ଗ୍ରହଣ କର । ତକ୍‌ୱା ସମସ୍ତ ବସ୍ତୁର ମୂଳ । ତକ୍‌ୱାର ଅର୍ଥ ହେଉଛି ପ୍ରତ୍ୟେକ ସୂକ୍ଷ୍ମରୁ ସୂକ୍ଷ୍ମତର ପାପରୁ ବଂଚିବା'' । ପୁଣି କହୁଛନ୍ତି- ''ତକ୍‌ୱା ତାକୁ କହନ୍ତି କି ଯେଉଁ କଥାରେ କୁକର୍ମର ଶଙ୍କା ମଧ୍ୟ ନଥିବ । (ତେଣୁ) ସେ ସବୁ (ପାପ)ରୁ ଅଲଗା ହୋଇ ରୁହନ୍ତୁ'' । (ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୩୨୧, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ବର୍ତମାନ ପ୍ରତ୍ୟେକ ଲୋକେ ନିଜ ନିଜର ଜାଏଜା ନିଅନ୍ତୁ ଯଦ୍ୱାରା ନିଜେ ହିଁ ନିଜର ହିସାବ ରଖିପାରିବେ କି କଣ ଉକ୍ତ ସଂଜ୍ଞା ମୁତାବକ ଆମେ ସୂକ୍ଷ୍ମରୁ ସୂକ୍ଷ୍ମତର ପାପରୁ ବଂଚିବା ପାଇଁ ଚେଷ୍ଟା କରୁଅଛେ ? ଏବଂ ଯେଉଁ କଥାରେ ଖରାପ କଥାର ଶଙ୍କା ମଧ୍ୟ ଥିବ ସେଥିରୁ ମଧ୍ୟ ବଂଚିବା ପାଇଁ ଚେଷ୍ଟା କରୁଅଛେ କି । ଯଦି ଏ ସବୁ କଥାଗୁଡିକୁ ପ୍ରତ୍ୟେକ ହିସାବ ନିକାଶ କରିବେ ଏବଂ ଉପରୋକ୍ତ ଉପଦେଶ ଉପରେ ପରିଚାଳିତ ହେବେ, ହିସାବ ନିକାଶ କରିବା ପରେ ଏହା ଦେଖିବେ କି ବାସ୍ତବରେ ଆମେ ତା ଉପରେ ପରଚାଳିତ ହେଉଛୁ । ତେବେ ଯାଇ ଆମକୁ ବୁଝିବାକୁ ହେବ କି ଆମେ ଏ ଜଲ୍‌ସାକୁ ଆସିବାର ଉଦ୍ଦେଶ୍ୟକୁ ପୂରଣ କରିସାରିଛୁ ବା ପୂରଣ କରିବା ପାଇଁ ଚେଷ୍ଟା କରୁଅଛୁ । ନଚେତ୍ ଭାଷଣ ଶୁଣିବା ଓ କ୍ଷଣସ୍ଥାୟୀ ଜୋସ୍ ଦେଖାଇବା ଏବଂ ନାରା ଲଗାଇବାର କୌଣସି ଅର୍ଥ ରହୁନାହିଁ । କିଛି ଲୋକ ନାରା ଲଗାନ୍ତି ଏବଂ ତାଙ୍କ ଚେହେରା ଓ ହାବଭାବରୁ ଏବଂ ହସରୁ ଏହା ଜଣାପଡୁଥାଏ କି ପ୍ରକୃତରେ ଏହା ମନର ଉତ୍ସାହ ନାହିଁ ବରଂ କେବଳ ଖାଲି ନାରା ଲାଗୁଛି । ପ୍ରଥମେ ତ ଏହି ସବୁ ହାବଭାବ ଓ ହର୍‌କତ୍ ଗୁଡିକ ଲୁଚି ରହୁଥିଲା । କିନ୍ତୁ ଏବେ କ୍ୟାମେରାର ଆଖି କାହାକୁ ନ ଜଣାଇ ସେମାନଙ୍କର ସମସ୍ତ ହର୍‌କତ୍‌କୁ ବତାଇ ଦେଉଛି ଓ ପୁଣି ଏହା ସବୁବେଳ ପାଇଁ ସୁରକ୍ଷିତ ହୋଇ ରହୁଛି । ପ୍ରଥମେ ତ ଏହି ପ୍ରୋଗ୍ରାମ୍ କେବଳ ଏମ୍.ଟି.ଏ ରେ ହିଁ ଆସୁଥିଲା । ଏବେ ସୋଶିଆଲ୍ ମିଡିଆରେ ମଧ୍ୟ ହେଉଅଛି । ସେଠି ମଧ୍ୟ ଚେହେରା ଦେଖାଯାଉଛି । ଦୃଷ୍ଟିଗୋଚର ହେଉଛି କାହା ଚେହେରାରେ କିପରି ହାବଭାବ ରହିଛି ।

ପୁଣି ଆଉଗୋଟିଏ ସ୍ତର ହେଉଛି ମନୁଷ୍ୟର ଅନ୍ତରର ଅବସ୍ଥା ଓ ତକ୍‌ୱା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା ମଧ୍ୟ କରିଛନ୍ତି । ଆପଣ ଆ:ସ କହୁଛନ୍ତି କି ''ତକ୍‌ୱାର ପ୍ରଭାବ ଏହି ଦୁନିଆରେ ହିଁ ମୁତ୍‌ତକିଙ୍କ ଉପରେ ଆରମ୍ଭ ହୋଇଯାଇଥାଏ । ଏହା କେବଳ ଉଦ୍ଧାର ନୁହେଁ, ନଗଦ ଅଟେ'' । ପୁଣି କହୁଛନ୍ତି କି ''ବରଂ ଯେପରି ବିଷର ପ୍ରଭାବ ଏବଂ ଅମୃତର ପ୍ରଭାବ ତତ୍‌କ୍ଷଣାତ୍ ଶରୀର ଉପରେ ପଡ଼ିଥାଏ'' । ଯେତେବେଳେ ମନୁଷ୍ୟ ବିଷ ପିଇନିଏ ବା କୌଣସି ଔଷଧ ଖାଏ ତାର ପ୍ରଭାବ ମନୁଷ୍ୟ ଉପରେ ପ୍ରକାଶ ହେବା ଆରମ୍ଭ ହୋଇଯାଏ ବରଂ ବେଳେବେଳେ ତତ୍‌କ୍ଷଣାତ୍ ପ୍ରଭାବ ପଡ଼ିଥାଏ । ପୁଣି ଆପଣ ଆ:ସ କହୁଛନ୍ତି ''ସେହିଭଳି ତକ୍‌ୱାର ପ୍ରଭାବ ମଧ୍ୟ ପଡ଼ିଥାଏ'' । (ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୩୨୪, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ତେବେ ଆପଣ ଆ:ସ ଏହି ସ୍ତରକୁ ବର୍ଣ୍ଣନା କରିଛନ୍ତି । ସୁତରାଂ ଏହା ହୋଇନପାରେ କି ଜଣେ ବ୍ୟକ୍ତି ତକ୍‌ୱାରେ ପରିଚାଳିତ ହେଉଥିବା ଓ ତାର ପ୍ରଭାବ ପ୍ରକାଶ ପାଉନଥିବ । ତକ୍‌ୱା ଉପରେ ପରିଚାଳିତ ହେଉଥିବା ବ୍ୟକ୍ତି କଦାପି ଖରାପ କାର୍ଯ୍ୟ ନିକଟକୁ ଯାଇନପାରେ । ତାର ଭାବନା ମଧ୍ୟ ପବିତ୍ର ହେବା ଆରମ୍ଭ ହୋଇଯାଏ । ସୁତରାଂ ଏହି ଦୃଷ୍ଟିକୋଣରୁ ପ୍ରତ୍ୟେକ ବ୍ୟକ୍ତି ନିଜେ ହିଁ ନିଜର ଅନୁଧ୍ୟାନ କରିପାରିବେ ।

ଆପଣ ଆ:ସ ପୁଣି ଗୋଟିଏ ଅବସରରେ କହୁଛନ୍ତି ‘‘ମୁଁ ଏହି କଥାକୁ ବାରମ୍ଭାର ଏଇଥିପାଇଁ କହୁଛି କି ଖୁଦାତାଲା ଯିଏ ଏହି ଜମାତ୍‌କୁ ସୃଷ୍ଟି କରିବାକୁ ଚାହିଁଛନ୍ତି ସେ ଏଥିରୁ ଏ ଉଦ୍ଦେଶ୍ୟ ରଖିଛନ୍ତି କି ଉକ୍ତ ବାସ୍ତବିକ ମାରେଫତ୍ (ଇଶ୍ୱରଙ୍କୁ ଚିହ୍ନିବାର ଜ୍ଞାନ) ସଂସାରରୁ ହଜିସାରିଛି.....’’ ଅଲ୍ଲାଃତାଲାଙ୍କ ମାରେଫତ୍ ଆଉନାହିଁ । ସଂସାରରୁ ତାହା ହଜିଗଲାଣି ଓ ସାଂସାରିକ ବସ୍ତୁଗୁଡିକ ପ୍ରଭାବ ପକାଇସାରିଛି । ସେଥିପାଇଁ ଅଲ୍ଲାଃତାଲାଙ୍କ ଆଡକୁ ଆଗ୍ରହ କମ୍ ହୋଇଯାଇଛି । ନାରା ବା ପ୍ରତିଶୃତି ତ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ରଖିବାର କିନ୍ତୁ ଏପରି ଅନେକ ମୌକା ଆସିଯାଉଛି ଯେ ସଂସାରକୁ ଅଗ୍ରାଧିକାର ଦିଆଯାଉଛି ଓ ଦୀନ୍ ପଛକୁ ଚାଲିଯାଉଛି । ପୁଣି ଆପଣ ଆ:ସ କହୁଛନ୍ତି ‘‘ଏବଂ ସେହି ବାସ୍ତବିକ ତକ୍‌ୱା ଓ ପବିତ୍ରତା ଯାହା ଏ ଯୁଗରେ ମିଳୁନାହିଁ ତାହାକୁ ପୁନର୍ବାର ସ୍ଥାପନ କରୁ’’ । (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୭୭-୨୭୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ଜମାତ୍‌ର ଉଦ୍ଦେଶ୍ୟ କଣ ? କି ସେ ତକ୍‌ୱା ଏବଂ ତହାରତ୍ (ଧର୍ମପରାୟଣ ଓ ପବିତ୍ରତା) ଯାହା ଏ ସଂସାରରେ ମିଳୁନାହିଁ ତାକୁ ପୁନର୍ବାର ପ୍ରତିଷ୍ଠା କରୁ । ସୁତରାଂ ଯିଏ ଅଲ୍ଲାଃତାଲାଙ୍କ ଇଛା ମୁତାବକ ତକ୍‌ୱା ଏବ ତହାରତ୍‌କୁ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିବ ସେ ସଫଳ ହେବ । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦୃଷ୍ଟିକୋଣରେ ହେଉଛି ପ୍ରକୃତି ଅହେମଦୀ ଏବଂ ସେ ହିଁ ଏହି ଜଲ୍‌ସାର ଉଦ୍ଦେଶ୍ୟକୁ ପୂରଣ କରିବା ବାଲା ହେବ ।

ଯେଉଁ ଅନ୍ୟ ଦୁଇଟି କଥାପ୍ରତି ଆଜି ମୁଁ ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି ତା ଉପରେ ଅମଳ ମଧ୍ୟ ଏ ରୂପରେ ହେବ ଓ ହୋଇପାରିବ ଯେବେ ହୃଦୟ ଭିତରେ ଇଶ୍ୱରଙ୍କ ଭୟ ହେବ, ତକ୍‌ୱା ହେବ ଓ ଜଲ୍‌ସାରେ ଆସିବାର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଇଛା ହେବ । ଯେପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜଲ୍‌ସାର ଉଦ୍ଦେଶ୍ୟକୁ ବର୍ଣ୍ଣନା କରି କହୁଛନ୍ତି କି ଜଲ୍‌ସାରେ ଯୋଗ ଦେଇଥିବା ପ୍ରତ୍ୟେକଙ୍କ ଭିତରେ କଣ କଣ ବିଶେଷତା ସୃଷ୍ଟି ହେବା ଉଚିତ୍ । ଅର୍ଥାତ୍ ଖୁଦାତାଲାଙ୍କ ମାରେଫତ୍ (ତତ୍ୱଜ୍ଞାନ) ହାସଲ କରିବା ପରେ ତା ଭିତରେ ନମ୍ରତା ମଧ୍ୟ ସୃଷ୍ଟି ହେଉ । ଜଣକ ହୃଦୟ ଅନ୍ୟଜଣକ ପାଇଁ ନରମ ହେଉ । ଆପୋଷରେ ପ୍ରେମଭାବ ଜାଗ୍ରତ ହେଉ । ଭାଇଚାରା ଉତ୍ପନ୍ନ ହେଉ । ବିନମ୍ରତା ସୃଷ୍ଟି ହେଉ । ନମ୍ର ସ୍ୱଭାବ ହେଉ ଏବଂ ସତ୍ୟତାର ଉଚ୍ଚତମ ସ୍ତର ପ୍ରତିଷ୍ଠା ହେଉ ।

ଜଲ୍‌ସାରେ ସାମିଲ୍ ହେଉଥିବା ଲୋକମାନଙ୍କର ଦୁଇଟି ଗୋଷ୍ଠୀ ଅଛି ବା ଏପରି କୁହାଯାଇପାରିବ କି ଦୁଇ ପ୍ରକାରର ଲୋକ ଥାଆନ୍ତି । ଏଠି ଆମ ଜଲ୍‌ସାରେ ସାମିଲ୍ ହେବା ବାଲା କହିବା ଉଚିତ୍ ନୁହେଁ ବରଂ ଜଲ୍‌ସାର ଯେଉଁ ବ୍ୟବସ୍ଥା ରହିଛି ସେଇ ବ୍ୟବସ୍ଥା ଅନ୍ତର୍ଗତ ଗୋଟିଏ ଗୋଷ୍ଠୀ ଅଛନ୍ତି ଏବଂ ଆଉ ଗୋଟିଏ ଗୋଷ୍ଠୀ ହେଉଛନ୍ତି ସେ ଲୋକମାନେ ଯେଉଁମାନେ ଜଲ୍‌ସାରେ ସାମିଲ୍ ହେବାପାଇଁ ଆସୁଛନ୍ତି । ସେ ଯାହା ହେଉ ଦୁଇ ପ୍ରକାରର ଲୋକ ଅଛନ୍ତି । ତେଣୁ ସେହି ଦୁଇ ପ୍ରକାରର ଲୋକମାନଙ୍କ ମଧ୍ୟରେ ଉକ୍ତ ବିଶେଷ ଗୁଣ ସୃଷ୍ଟି ହେବ ଜରୁରୀ ଅଟେ । ନା ତ ସେମାନେ ଉକ୍ତ କଥାରୁ ମୁକ୍ତି ପାଇପାରିବେ, ଯେଉଁମାନେ ଡ୍ୟୁଟି ଦେଉଛନ୍ତି, ଖିଦ୍‌ମତ୍ କରୁଛନ୍ତି ଅର୍ଥାତ୍ ଯେଉଁମାନେ କାର୍‌କୁନ୍ । ଏବଂ ନା ସେମାନେ ଯେଉଁମାନେ ଜଲ୍‌ସାରେ ସାମିଲ୍ ହେଉଛନ୍ତି । (ତେଣୁ) ଏହି ଦୁଇପ୍ରକାରର ଲୋକଙ୍କୁ ଉକ୍ତ ସ୍ତର ଉପରେ ନିଜକୁ ରଖିବାକୁ ହେବ । ଯେଉଁମାନେ ଅତିଥିସତ୍କାର କରୁଛନ୍ତି ସେମାନଙ୍କୁ ମଧ୍ୟ ଓ ଯେଉଁ ଅତିଥିମାନେ ଅଛନ୍ତି ସେମାନଙ୍କୁ ମଧ୍ୟ । ଯଦି ଏହି ଦୁଇଜଣଙ୍କ ମଧ୍ୟରେ ତକ୍‌ୱା ରହିବ ତେବେ ସେହି ବିଶେଷତା ସୃଷ୍ଟି ହେବ । ତେଣୁ ଏ ପ୍ରସଙ୍ଗରେ ସେହି ଦୁଇଗୋଷ୍ଠୀଙ୍କୁ ମୁଁ ସେମାନଙ୍କ ଦାୟିତ୍ୱ ଓ ଧାର୍ଯ୍ୟକାର୍ଯ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି । ଯଦି ଏହି ଦୁଇ ଗୋଷ୍ଠୀଙ୍କ ଭିତରେ ଉକ୍ତ ବିଶେଷ ଗୁଣ ଗୁଡିକ ସୃଷ୍ଟି ହୋଇଯିବ ତେବେ ଜଲ୍‌ସାର ପରିବେଶ ମଧ୍ୟ ସୁରୁଚିପୂର୍ଣ୍ଣ ହେବ ଓ ଜଲ୍‌ସାରେ ଆସିବାର ଉଦ୍ଦେଶ୍ୟ ମଧ୍ୟ ପୂରଣ ହେବ । ଡ୍ୟୁଟି ଦେଉଥିବା ଲୋକମାନେ ଏହା ବୁଝିପାରୁଥିବେ କି ଆମେ ଡ୍ୟୁଟି ଦେଇଛୁ, ଆମେ ହେଉଛୁ ସ୍ୱେଛାସେବୀ । ଏହାଦ୍ୱାରା ଆମେ କୌଣସି ବହୁତ ବଡ ଉଦ୍ଦେଶ୍ୟ ହାସଲ କରିସାରିଛୁ । ଅର୍ଥାତ୍ ଅଲ୍ଲାଃଙ୍କୁ ପ୍ରସନ୍ନିତ କରିଛୁ । ହଁ ଯଦି ଉକ୍ତ କଥାଗୁଡିକ ଉପରେ ଅମଳ କରିଛନ୍ତି ତେବେ ଅଲ୍ଲାଃତାଲାଙ୍କୁ ପ୍ରସନ୍ନିତ କରିଛନ୍ତି ନା ଜଲ୍‌ସାରେ ସାମିଲ୍ ହେବାକୁ ଆସିଥିବା ଲୋକେ ଏହା କହିପାରିବେ କି ଆମେ ବହୁତ ଦୁର ରାସ୍ତା ଅତିକ୍ରମ କରି ଆସିଛୁ ସେଥିଯୋଗୁ ଆମେ ଅଲ୍ଲାଃତାଲାଙ୍କୁ ପ୍ରସନ୍ନିତ କରିଛୁ । ହଁ ପ୍ରସନ୍ନ ଏ ରଙ୍ଗରେ କରିପାରିଛୁ ଯେବେ ଅଲ୍ଲାଃତାଲାଙ୍କ ମାରେଫତ୍ ସୃଷ୍ଟି ହେବ ଏବଂ ଲୋକମାନଙ୍କର ଅଧିକାରକୁ ପ୍ରଦାନ କରିବା ପ୍ରତି ଧ୍ୟାନ ସୃଷ୍ଟି ହେବ ।

ସର୍ବପ୍ରଥମେ ମୁଁ କାର୍‌କୁନାନ୍ ବା ଆତିଥିକର୍ତାଙ୍କୁ ଧ୍ୟାନ ଆକର୍ଷଣ କରାଇବି କି ନିଜ ଭିତରେ ଉକ୍ତ ବିଶେଷ ଗୁଣଗୁଡିକୁ ସୃଷ୍ଟିକରିବା ପାଇଁ ଚେଷ୍ଟା କରନ୍ତୁ । ନିଜର ଜଜ୍‌ବାତ୍ (ଭାବନା) କୁ ଆୟତରେ ରଖନ୍ତୁ । ପ୍ରତିକ୍ଷେତ୍ରରେ ଅତିଥିମାନଙ୍କର ଧ୍ୟାନ ରଖିବା ଉଚିତ୍ । ନମ୍ରତାର ଭାଷା ବ୍ୟବହାର କରିବା ଉଚିତ୍ । ଯେପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ । ଓ୍ୱହ୍‌ଦାଦାର୍ ମାନଙ୍କୁ ଓ କାର୍‌କୁନ୍ ମାନଙ୍କୁ ସବୁଠାରୁ ଅଧିକା ପ୍ରଥମ ଦାୟିତ୍ୱ ହେଉଛି ଏହା କି ସେମାନେ ନରମ ଭାଷା ବ୍ୟବହାର କରନ୍ତୁ । ଓ୍ୱହ୍‌ଦାଦାର ଓ କାର୍କୁନ୍‌ମାନଙ୍କର ସବୁଠାରୁ ପ୍ରଥମ ଦାୟିତ୍ୱ ଏହା ହେଉଛି କି ସେମାନେ ନମ୍ର ଆଚରଣ ଦେଖାନ୍ତୁ । ସର୍ବୋପରି ଅତିଥିମାନଙ୍କର ଧ୍ୟାନ ରଖିବା ଉଚିତ୍ । ଓ୍ୱହ୍‌ଦାଦାର୍‌ମାନେ ମଧ୍ୟ ଓ କାର୍‌କୁନ୍ ମାନଙ୍କୁ ମଧ୍ୟ ନରମ ଭାଷା ବ୍ୟବହାର କରିବା ଉଚିତ୍ ।

ପୁଣି କାର୍‌କୁନ୍‌ମାନଙ୍କର ଆପୋଷରେ ଯେଉଁ ସମ୍ପର୍କ ରହିଛି ସେଥିରେ ପ୍ରେମ, ନିଷ୍ଠା ଓ ଭାଇଚାରା ମଧ୍ୟ ପରିଲକ୍ଷିତ ହେବା ଉଚିତ୍ । ତାହା ଅତିଥିମାନଙ୍କ ପାଇଁ ମଧ୍ୟ ଓ ଆପୋଷରେ ସମ୍ପର୍କ ସ୍ଥାପନ କରିବା ପାଇଁ ମଧ୍ୟ । ଓ୍ୱହ୍‌ଦାଦାର୍ ଏବଂ ତାଙ୍କ ଅନ୍ତର୍ଗତ କାମ କରୁଥିବା ଲୋକେ ଜଣେ ଅନ୍ୟଜଣକର କଥାରେ ଯଦି କ୍ରୋଧ ଆଚରଣ କରିବେ ତେବେ ଅତିଥିମାନଙ୍କ ଉପରେ ଓ ବିଶେଷ ରୂପେ ଅଣ ଅତିଥିମାନଙ୍କ ଉପରେ, ଯେଉଁମାନେ ଏହା ଶୁଣୁଛନ୍ତି କି ଅହେମଦୀମାନଙ୍କ ଜଲ୍‌ସାରେ ସମସ୍ତେ ଆପୋଷରେ ପ୍ରେମ ଓ ସ୍ନେହର ସହିତ ରହୁଛନ୍ତି ବୋଲି ଏବଂ କୌଣସି ପ୍ରକାର କ୍ରୋଧର ପରିପ୍ରକାଶ କରୁନାହାଁନ୍ତି ବା କ୍ରୋଧାନ୍ୱିତ ହେଉନାହାଁନ୍ତି, ଯେବେ ସେମାନେ ଏହି ପ୍ରକାରର କଥାକୁ ଦେଖିବେ ଓ ଫସାଦ୍‌କୁ ଦେଖିବେ ବା କେଉଁଠି ଦୁଇଜଣ ଲୋକଙ୍କୁ ବଡପାଟିରେ କଥା ହେଉଥିବାର ଦେଖିବେ ତେବେ ସେମାନଙ୍କ ଉପରେ ଖରାପ ପ୍ରଭାବ ପଡ଼ିବ । କାର୍‌କୁନ୍ ମାନଙ୍କୁ ସର୍ବଦା ମନେରଖିବା ଉଚିତ୍ ଯେ ଯେବେ ନିଜକୁ କିଛିଦିନ ପାଇଁ ସେବା କରିବା ପାଇଁ ପେଶ୍ କରିଛନ୍ତି ଏବଂ ଏପରି ସେବା ଯାହା ବହୁତ ବଡ ଉଚ୍ଚ ମର୍ଯ୍ୟାଦା ରଖିଛି ତାହା ହେଉଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥି ସେବା । ସେଥିରେ ଯଦି ନିଜର ଆଚରଣ ପୁଣି ଏପରି ରଖିବେ କି ନା କୌଣସି ଅତିଥିମାନଙ୍କୁ କଷ୍ଟ ପହଂଚିବ ନା ଜଣେ ଅନ୍ୟଜଣକୁ ଯେଉଁ କାର୍‌କୁନ୍ ଅଛନ୍ତି, ସେମାନେ ଜଣେ ଅନ୍ୟଜଣକୁ କଷ୍ଟ ପହଂଚାଇବେ । ଜଲ୍‌ସାର ତରବିୟତ୍‌ର ଅଂଶ ହେଉଛି ଏହା କି ଅଫିସର୍‌ମାନେ ମଧ୍ୟ ଓ ତାଙ୍କ ଅନ୍ତର୍ଗତ କାମ କରୁଥିବା କାର୍‌କୁନ୍ ମାନେ ମଧ୍ୟ ନିଜର ଭାବନାକୁ ଆୟତରେ ରଖିବା ଉଚିତ୍ । ପାର୍କି ଅଛି, ଟ୍ରାଫିକ୍ କଂଟ୍ରୋଲ୍‌ରୁ ନେଇ ଖାଦ୍ୟ ପ୍ରସ୍ତୁତି ପର୍ଯ୍ୟନ୍ତ ଓ ସଫାଇ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତୁ ନିଜର ଉତମ ଚରିତକୁ ଏହି ଦିନଗୁଡିକରେ ପ୍ରକାଶ କରିବା ଉଚିତ୍ । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି *କୁଲୁ ଲିନ୍ନାସି ହୁସ୍‌ନା* (ବକ୍‌ରାଃ:୮୪) ଅର୍ଥାତ୍ ଲୋକମାନଙ୍କ ସହିତ ନରମ କଥା ହୁଅ । ଏକଥା ଅଲ୍ଲାଃତାଲା ଚରିତ୍ରର ସ୍ତରକୁ ପ୍ରତିଷ୍ଠା କରିବା ପାଇଁ ବତାଇଛନ୍ତି । ଏହା ଏକ ସାଧାରଣ ହିଦାୟତ୍ । ଜଣେ ମୋମିନ୍‌ଙ୍କ ଠାରୁ ସବୁବେଳେ ହିଁ ଉତମ ଚରିତ୍ର ପରିପ୍ରକାଶ ହେବା ଉଚିତ୍ କିନ୍ତୁ ଏହି ବିଶେଷ ଅବସ୍ଥାରେ ଯେବେ କି ଆପଣମାନେ ନିଜକୁ ଜଲ୍‌ସାର ଅତିଥିମାନଙ୍କ ନିମନ୍ତେ ସେବା କରିବା ପାଇଁ ପେଶ୍ କରିଛନ୍ତି, ସେହି ଅତିଥିମାନେ, ଯେଉଁମାନେ ହେଉଛନ୍ତି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଅତିଥି, ସେହି ଅତିଥିମାନେ ଯେଉଁମାନେ ନିଜର ଜ୍ଞାନ, କାର୍ଯ୍ୟ ଏବଂ ଆଧ୍ୟାତ୍ମିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଏଠାକୁ ଆସିଛନ୍ତି ସେମାନଙ୍କ କାର୍ଯ୍ୟଶୈଳୀର ତରବିୟତ୍‌କୁ କାର୍‌କୁନ୍‌ମାନେ ନିଜ ଆଚରଣ ଦ୍ୱାରା ମଧ୍ୟ କରିପାରିବେ ଓ କରିବେ । ତେଣୁ ଏହି ଦୃଷ୍ଟିକୋଣରୁ ଆପଣମାନେ ଯେଉଁମାନେ କାମ କରୁଅଛ ଦୁଇଗୋଟି ପୁଣ୍ୟର ଅଧିକାରୀ ହେଉଅଛ । ଗୋଟିଏ ତ ହେଉଛି ଜଲ୍‌ସାର ଖିଦ୍‌ମତ୍ ପାଇଁ ନିଜକୁ ପେଶ୍ କରିବା ଦ୍ୱାରା ଓ ଦ୍ୱିତୀୟଟି ହେଉଛି ନିଜର ଉତମ ଚରିତ୍ର ଦ୍ୱାରା ଅନ୍ୟମାନଙ୍କର ତର୍‌ବିୟତ୍ କରିବା । ଅନ୍ୟମାନଙ୍କୁ ମଧ୍ୟ ଏପରି ଅନୁଭବ ନେଇ ଅର୍ଥାତ୍ ଜଲ୍‌ସାରେ ଆସୁଥିବା ପତ୍ୟେକ ବ୍ୟକ୍ତିଙ୍କୁ ଉତମ ଚରିତ୍ର ପରିପ୍ରକାଶ କରିବାକୁ ହୋଇଥାଏ । ଯଦି କେହି ଭୁଲ୍ ବଶତଃ ବା କଠୋରତାର ସହିତ କଥା କହିଦିଏ ଓ ଭୁଲ୍ କଥା କହିଥବା ବ୍ୟକ୍ତିଟି ଯେବେ ଏହା ଦେଖିବ କି କାର୍‌କୁନ୍ ତାଙ୍କର ଉତର ଧିରତା ଏବଂ ଉତମ ଚରିତ୍ର ଦ୍ୱାରା ଦେଉଅଛି ତେବେ ଏହି କାର୍ଯ୍ୟଶୈଳୀର ନମୁନା ସ୍ୱତଃପୃତ ଭାବେ ପ୍ରତିପକ୍ଷକୁ ତାଙ୍କ ଦ୍ୱାରା ହୋଇଥିବା ଭୁଲ୍‌ର ଅନୁଭବ କରାଇ ତର୍‌ବିୟତ୍ କରିବା ବାଲା ହେବ । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି କି ଆତିଥିକର୍ତାଙ୍କ ନିକଟରେ ଉତମ ଚରିତ୍ରଠାରୁ ବଳି ଅଧିକା ଓଜନ ରଖୁଥିବା ଆଉ କୌଣସି ବସ୍ତୁ ନାହିଁ । (ସୁନନେ ଅବିଦାଉଦ୍, କିତାବୁଲ୍ ଅଦବ୍, ବାବ୍ ଫି ହୁସ୍‌ନିଲ୍ ଖଲ୍‌କ, ହଦିସ୍ ନଂ-୪୭୯୯) । ଯଦି ଓଜନ କରିବ, ଓ କିଲପଲାରେ ତଉଲିବ ତେବେ ଉତମ ଚରିତ୍ରର ଓଜନ ସବୁଠାରୁ ଅଧିକ ହେବ । କାରଣ ଉତମ ଚରିତ୍ର ଏପରି ଏକ ଜିନିଷ ଯାହା ସଂସାରର ବିଭ୍ରାଟ ଗୁଡିକୁ ନିଃଶେଷ କରିଦିଏ । ଉତମ ଚରିତ୍ର ହିଁ ଅଲ୍ଲାଃତାଲାଙ୍କ ଅଧିକାରକୁ ପ୍ରଦାନ କରିବା ପ୍ରତି ରାସ୍ତ ସୁଗମ କରିଥାଏ । ବରଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲେଖୁଛନ୍ତି କି କେତେକ ଅବସ୍ଥାରେ ହୁକୁକୁଲ୍ ଇବାଦ୍ (ଲୋକମାନଙ୍କର ଅଧିକାର) ହୁକୁକୁଲ୍ଲାଃଠାରୁ ବଢ଼ିଯାଇଥାଏ । (ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୨୯୦, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । ଯେପରି ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି କି ଉତମ ଚରିତ୍ର ଯୋଗୁ ଜଜ୍‌ବାତ୍ (ଭାବନା ଓ ଉଦ୍ଦିପନା) କଂଟ୍ରୋଲ୍ ହୋଇଥାଏ । ତାଦ୍ୱାରା ଧୈର୍ଯ୍ୟ ପରିପ୍ରକାଶ ହେବ । ଅନ୍ୟମାନଙ୍କ ଭୁଲ୍ କଥାରେ ମଧ୍ୟ ନମ୍ରତାର ଉତର ଦେବାପାଇଁ ସାହାସ ସୃଷ୍ଟି ହେବ । ମଣିଷର ବହୁତ ଗୁଡିଏ ଭିନ୍ନ ଭିନ୍ନ ପାପ ରହିଛି । ଏହି ଉତମ ଚରିତ୍ର ପୁଣି ସେହି ପାପ ଗୁଡିକୁ କ୍ଷମା ଦେବାର ମାଧ୍ୟମ ମଧ୍ୟ ହେବ ।

ସୁତରାଂ ପ୍ରତ୍ୟେକ କାର୍‌କୁନ୍ ଏହି ପ୍ରଥମ କଥାକୁ ଗଣ୍ଠିକରି ରଖନ୍ତୁ ଓ ତା ଉପରେ ଅମଳ କରନ୍ତୁ । ଅର୍ଥାତ୍ ତାଙ୍କ ଭିତରେ ଉତମ ଚରିତ୍ର ସୃଷ୍ଟି ହେଉ । ଦେଖନ୍ତୁ ଏହା କେତେ ଶସ୍ତା ସଉଦା ଅଟେ । ଅଲ୍ଲାଃତାଲା କିଭଳି ବିଶେଷ ରୂପେ ସେହି ଲୋକମାନଙ୍କ ଉପରେ ଅନୁଗ୍ରହ କରେ, ଯେଉଁମାନେ ତା ଖାତିର ନିଜର ମୁହଁକୁ ବନ୍ଦ୍ ରଖିଥାନ୍ତି ଓ ଚେହେରାରେ ହସ ରଖିଥାନ୍ତି । ଯଦି କିଏ କହେ କି ଡ୍ୟୁଟିର ବୋଝ ଯୋଗୁ ବା ଅମୁକ ବ୍ୟକ୍ତିଙ୍କ ଖରାପ ଓ ଭୁଲ୍ ବ୍ୟବହାର ଯୋଗୁ ମୋତେ କ୍ରୋଧ ଆସିଯାଇଛି ତେବେ ଆମକୁ ସର୍ବଦା ନିଜର ଆକା ଓ ମୌଲା ଓ ମୁତାଆ ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଆଡକୁ ଦେଖିବା ଉଚିତ୍, ଯାହାଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା କହୁଛନ୍ତି କି ସେ ହେଉଛନ୍ତି ତୁମପାଇଁ ଉତମ ଆଦର୍ଶ । କୌଣସି ପ୍ରକାର ଦୁଃଖକଷ୍ଟ ନଥିଲା, ଯାହା ଆପଣଙ୍କୁ ପହଂଚିନଥିବ, କୌଣସି ପ୍ରକାରର ଅସୁବିଧା ନଥିଲା ଯାହା ଆପଣକୁ ନହୋଇଥିବ ବା ଯାହାର କାରଣ ଆପଣଙ୍କ ପାଇଁ ସୃଷ୍ଟି ହୋଇନଥିବ । ମଣିଷର ଭାବନାରେ ଯେତେପ୍ରକାର ମଧ୍ୟ କଠିନ ପରିସ୍ଥିତି, ଅସୁବିଧା ଏବଂ ଦୁଃଖ କଷ୍ଟ ହୋଇପାରେ ସେ ସବୁଠାରୁ ଅଧିକ ଅସୁବିଧା ଓ ଦୁଃଖ କଷ୍ଟ ଦେଇ ରସୁଲେ କରିମ୍ ସ:ଆ:ସ ଯାଇଛନ୍ତି ଅର୍ଥାତ୍ ଧୈର୍ଯ୍ୟ ରଖିଛନ୍ତି । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସାହାବା ବର୍ଣ୍ଣନା କରୁଛନ୍ତି କି ଆମେ ନବୀ କରିମ୍ ସ:ଆ:ସଙ୍କ ଠାରୁ ଅଧିକା ହସୁଥିବା ବ୍ୟକ୍ତି ଆଉ କାହାକୁ ଦେଖିନାହୁଁ । (ସୁନନେ ତିରିମିଜି, ଅବୁଓ୍ୱାବୁଲ୍ ମନାକିବ୍ ବାବ୍ କୌଲେ ଇବ୍‌ନେ ଜଜା ମାରାଏତୁ ଅହଦନ୍ ଅକ୍‌ସର୍ ତବସମନ୍....ହଦିସ-୩୬୪୧) । ଆମେ ଆପଣଙ୍କଠାରୁ ଅଧିକା ହସିବା ବାଲା ଆଉ କାହାକୁ ଦେଖିନାହୁଁ । ସଦାସର୍ବଦା ଆପଣଙ୍କ ପବିତ୍ର ଚେହେରାରେ ହସ ଫୁଟୁଥିଲା । ଏହା ହେଉଛି ଆମର ପ୍ରିୟ ଆକା ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ନମୁନା ।

ପୁଣି ଆପଣ ସ:ଆ:ସ ଏହା ମଧ୍ୟ କହିଛନ୍ତି ଏବଂ ଏ କଥା କହି ଆମକୁ ସତର୍କ କରାଇଛନ୍ତି କି ଯେଉଁ ବ୍ୟକ୍ତି ନମ୍ରତା ଆଚରଣ କରିବାରୁ ବଂଚିତ କରାଯାଇଛି ସେ ଉତମ କାର୍ଯ୍ୟ କରିବାରୁ ମଧ୍ୟ ବଂଚିତ କରାଯାଇଛି । (ସୁନନେ ତିରିମିଜି ଅବୁଓ୍ୱାବୁଲ୍ ବିର୍ ଓ୍ୱସ୍‌ସିଲା, ବାବ୍ ମାଜାଆ ଫିର୍ ରିଫକ୍ ହଦିସ-୨୦୧୩) । ଯଦି ତୁମ ଭିତରେ ନମ୍ରତା ନାହିଁ ତେବେ ପୁଣି ତୁମେ ଭଲ କଥାରୁ ମଧ୍ୟ ବଂଚିତ ହେଲ । ଏହା କାର୍‌କୁନ୍‌ମାନଙ୍କ ପାଇଁ ମଧ୍ୟ, ଲୋକମାନଙ୍କ ପାଇଁ ମଧ୍ୟ ଅଟେ । ଅନେକ ଲୋକେ ଆପୋଷରେ ଜଣେ ଅନ୍ୟଜଣକ ସହିତ ଯୁକ୍ତି କରିଥାଏ । ତେଣୁ ଏହାଦ୍ୱାରା ସେ ଉତମ କାର୍ଯ୍ୟ କରିବାରୁ ମଧ୍ୟ ବଂଚିତ ହୋଇ ରହିଥାଏ । ତେଣୁ ଅଲ୍ଲାଃତାଲା ଆପଣଙ୍କୁ ଏକବର୍ଷ ପରେ ଯେଉଁ ଅବସର ପ୍ରଦାନ କରୁଛନ୍ତି ସେଥିରେ ପ୍ରତ୍ୟେକ ବ୍ୟକତିକୁ ଓ ବିଶେଷ ରୂପେ କାର୍‌କୁନାନ୍ ମାନଙ୍କୁ ଉଚ୍ଚତମ ଚରିତ୍ରର ସ୍ତର, ନିଜର ନମ୍ର ସ୍ୱଭାବର ସ୍ତର ଓ ନିଜ ହସହସ ଚେହେରାର ପରିପ୍ରକାଶ ପୂର୍ବ ଅପେକ୍ଷା ଅଧିକ ରହିବା ଉଚିତ୍ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ଅତିଥିମାନଙ୍କ ସହିତ ଉତମ ଚରିତ୍ର ବ୍ୟବହାର କରିବା ପାଇଁ ଉପଦେଶ ଦେଇଛନ୍ତି । ସେଗୁଡିକୁ ମଧ୍ୟ ପ୍ରତ୍ୟେକ କାର୍‌କୁନ୍ ନିଜ ଆଖିଆଗରେ ରଖିବା ଉଚିତ୍ । ଆପଣ ଆ:ସ କହୁଛନ୍ତି କି ‘‘ଅତିଥିମାନଙ୍କ ହୃଦୟ ଆଇନା ସଦୃଶ ସୂକ୍ଷ୍ମ ହୋଇଥାଏ । ଟିକିଏ ଆଘାତ ଲାଗିଯିବାରେ ଭାଙ୍ଗି ଯାଇଥାଏ’’ । (ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୪୦୬, ଏଡ଼ିଶନ୍-୧୯୮୫,

ମୁଦ୍ରଣ-ଇଂଲିସ୍ ସ୍ଥାନ) ।

ପୁଣି ଅତିଥିମାନଙ୍କର ସେବା କରୁଥିବା ଲୋକମାନଙ୍କୁ ସାଧାରଣ ହିଦାୟତ୍ ଦେଇ ଆପଣ ଆ:ସ କହୁଛନ୍ତି କି ''ଦେଖନ୍ତୁ ବହୁତ ଅତିଥି ଆସିଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଚିହ୍ନିଛ ଓ ଆଉ କିଛି ଲୋକଙ୍କ ଚିହ୍ନିନାହଁ । ସେଇଥିପାଇଁ ଏହା ଉଚିତ୍ ହେବ କି ସମସ୍ତଙ୍କୁ ସମ୍ମାନୀୟ ବ୍ୟକ୍ତି ବୋଲି ଭାବି ସେବା କର'' । (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୨୨୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ।

ସୁତରାଂ ଅତିଥିମାନଙ୍କ ଆତିଥ୍ୟତାରେ କୌଣସି ପ୍ରକାରର ପାତରଅନ୍ତର ହେବା ଉଚିତ୍ ନୁହେଁ । ଏପରି ନହେଉ କି ପରିଚିତ ଲୋକମାନଙ୍କ ସହିତ ଉତମ ବ୍ୟବହାର ହେଉଥାଉ ଏବଂ ଯାହାକୁ ତୁମେ ଜାଣନାହିଁ ତାଙ୍କର ପ୍ରକୃତ ରୂପେ ଧ୍ୟାନ ରଖାଯାଉନଥିବ ବା ସେମାନଙ୍କ ସହିତ କର୍କସତା ଆଚରଣ କରି ମିଶୁଥିବ ।

ଏଥର ଏଠି ଆଫ୍ରିକାରୁ ଓ ଅନ୍ୟାନ୍ୟ ବହୁତ ଦେଶଗୁଡିକରୁ ମଧ୍ୟ ବହୁତ ସଂଖ୍ୟାରେ ଅତିଥି ଆସିଛନ୍ତି । ପ୍ରଥମତଃ ଇଷ୍ଟ୍ ୟୁରୋପ୍ ଏବଂ ୟୁରୋପୀୟ ଇଲାକାରୁ ଆସୁଥିଲେ । ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁରୁଚିପୂର୍ଣ୍ଣ ଏବଂ ଉତମ ସ୍ମୃତି ଜଲ୍‌ସାସାଲାନା ଜର୍ମାନୀ ଏବଂ ଏଠିକାର ଆତିଥ୍ୟକର୍ତା ମାନଙ୍କର ନେଇଯିବା ଉଚିତ୍ ଏବଂ ଏହା ସବୁକିଛି ଆପଣମାନେ, ଯେଉଁମାନେ କାମ କରୁଛନ୍ତି ସେମାନଙ୍କ ଆଚରଣ ଉପରେ ଆଧାରିତ । ତେଣୁ ଏହି ଦୃଷ୍ଟିକୋଣରୁ ମଧ୍ୟ ନିଜର ଦାୟିତ୍ୱଗୁଡିକୁ ବୁଝନ୍ତୁ ଏବଂ ପୁଣି ବିଶେଷ ରୂପେ ଯେଉଁ ଅଣଜମାତ୍ ଅତିଥିମାନେ ଆସୁଛନ୍ତି, ସେମାନଙ୍କ ପାଇଁ ପ୍ରତ୍ୟେକ କାର୍‌କୁନ୍ ମଧ୍ୟ ଏବଂ ପ୍ରତ୍ୟେକ ଅହେମଦୀ ମଧ୍ୟ, ଯେଉଁମାନେ ଜଲ୍‌ସାସାଲାନାରେ ସାମିଲ୍ ହେଉଛନ୍ତି, ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ଉପରେ ପରିଚାଳିତ ହୋଇ ତବ୍‌ଲିଗ୍‌ର କାରଣ ହେବେ । ତେଣୁ ଏହି ଦୃଷ୍ଟିକୋଣରୁ ଆପଣ ସମସ୍ତେ ଯେଉଁମାନେ ଏ ଜଲ୍‌ସାରେ ଯୋଗ ଦେଇଛନ୍ତି ଓ ଡ୍ୟୁଟି ଦେଉଥିବା ଲୋକମାନେ ମଧ୍ୟ ଏକ ପ୍ରକାର ନୀରବ ତବ୍‌ଲିଗ୍ କରୁଥିବେ ।

ପ୍ରତ୍ୟେକ ବିଭାଗର କାର୍‌କୁନ୍ ମାନଙ୍କୁ ଏହା ମନେରଖିବା ଉଚିତ୍ ହେବ କି ସେହି ବିଭାଗଟି ତାଙ୍କପାଇଁ ଗୁରୁତ୍ୱପୂର୍ଣ୍ଣ । ଯେପରିକି ମୁଁ କହିସାରିଛି ଯେ ଟ୍ରାଫିକ୍ କଂଟ୍ରୋଲ୍‌ର କାର୍ଯ୍ୟ ହେଉ ବା ପାର୍କିଂ ବିଭାଗ ହେଉ । ରେଜିଷ୍ଟ୍ରେସନ୍ ଓ ସ୍କାନିଂର ବିଭାଗ ହେଉ ବା ଖାଦ୍ୟ ପ୍ରସ୍ତୁତ କରୁଥିବା ଲୋକମାନେ ହୁଅନ୍ତୁ ବା ଖାଦ୍ୟ ଖୁଆଇବା ବିଭାଗ ହେଉ । ସଫାଇ ଏବଂ ସ୍ୱଚ୍ଛତା ବିଭାଗ ହେଉ ବା ଡିସିପ୍ଲିନ୍ କାଏମ୍ କରିବାର ବିଭାଗ ହେଉ, ପ୍ରତ୍ୟେକ ବିଭାଗ କେବଳ ଅତିଥିମାନଙ୍କର ସେବା କରୁନଥାଏ ବରଂ ନୀରବ ତବ୍‌ଲିଗ୍ ମଧ୍ୟ କରୁଥାଏ । ସୁତରାଂ ନିଜ ଡ୍ୟୁଟିର ଏହି ଗୁରୁତ୍ୱକୁ ମଧ୍ୟ ବୁଝନ୍ତୁ । ଡିସିପ୍ଲିନ୍‌ରେ ମଧ୍ୟ ଜରୁରୀ ହୋଇନଥାଏ କି ଚେହେରାରେ କଠୋରତା ପ୍ରଦର୍ଶନ କରନ୍ତୁ ଫଳତଃ ପ୍ରଭାବ ପଡ଼ିବ । ମହିଳାମାନଙ୍କ ଭିତରେ ବିଶେଷ କରି ୟୁ.କେ ଜଲ୍‌ସାରେ ଛୋଟଛୋଟ ଝିଅପିଲାମାନେ ଡିସିପ୍ଲିନ୍ କାଏମ୍ କରୁଛନ୍ତି ଓ ହସହସ ଚେହେରା ସହିତ କାଏମ୍ କରୁଛନ୍ତି । କେହିଜଣେ ମୋତେ ବତାଇଛନ୍ତି କି ଅମୁକ ଝିଅପିଲା ଯିଏ ବର୍ତମାନ ଲଜ୍‌ନାରେ ସାମିଲ୍ ହୋଇସାରିଛନ୍ତି, ସେ ମଧ୍ୟ ଆମକୁ ଲଜ୍ଜିତ କରିଦେଉଥିଲେ ଅର୍ଥାତ୍ ଯେତେବେଳେ ମଧ୍ୟ କଥା କହିବାକୁ ଆରମ୍ଭ କର ବା ମହିଳାମାନେ ଏକାଠି ବସି ଜଣେ ଅନ୍ୟଜଣକ ସହିତ କଥା କହିବା ଆରମ୍ଭ କରିଦିଅନ୍ତି ସେତେବେଳେ ସେହି ଝିଅଟି ହସ ହସ ମୁଖ ସହିତ ଚୁପ୍ ରହିବା ପାଇଁ ତିଆରି ହୋଇଥିବା କାର୍ଡ୍‌କୁ ନେଇ ଆଗରେ ରଖିଦେଉଥିଲେ । ମୁହଁଦ୍ୱାରା କିଛି କହିବାର ନାହିଁ । ଯଦି ସଂଯମ ଲୋକ ଥିବେ ତେବେ ନିଶ୍ଚିତ ରୂପେ ଡ୍ୟୁଟି ଦେଉଥିବା କର୍ମୀଙ୍କ ଦ୍ୱାରା ଧ୍ୟାନ ଆକର୍ଷଣ କରାଇବାରେ ସେମାନେ ଚୁପ୍ ହୋଇଯିବେ ଓ ଯଦି ମୁର୍ଖ ଓ କୁ ଚରିତ୍ରର ଲୋକ ଥିବେ, ଯେଉଁମାନେ ଶାନ୍ତିଶୃଙ୍ଖଳାରେ ବସୁନଥିବେ ବା ପୁଣି କିଛି ଏପରି କୁଚରିତ୍ରର ଲୋକମଧ୍ୟ ଥାଆନ୍ତି ଯେଉଁମାନେ ଡ୍ୟୁଟି ଦେଉଥିବା ଲୋକମାନଙ୍କୁ ଏହା କହି ତାଙ୍କର ମୁହଁ ବନ୍ଦ କରିଦିଅନ୍ତି କି ଆମକୁ ଜଣା ଅଛି ଯେ ବର୍ତମାନ ଚୁପ୍ ରହିବା କଥା । ପୁଣି ସେହିପରି ଲୋକମାନଙ୍କୁ ବିଶେଷ ରୂପେ ମହିଳାମାନଙ୍କୁ, ସେହି ଯୁବତୀ ଝିଅମାନଙ୍କୁ କିଛି କହିବାର ଆବଶ୍ୟକ ନାହିଁ । ନିଜ ଇନ୍‌ଚାର୍ଯ୍ୟକୁ କହିଦିଅନ୍ତୁ । ସେ ନିଜେ ଯାଇ ତାଙ୍କୁ ବୁଝାଇଦେବେ । କିନ୍ତୁ ଝିଅପିଲାମାନଙ୍କର ଏହା କାମ ନୁହେଁ କି ସେମାନେ ବଡ ବୟସ୍କ ମହିଳାମାନଙ୍କ ସହିତ ଯୁକ୍ତିତର୍କ କରନ୍ତୁ, ତାହା କେଉଁଠାରେ ହେଉ ମଧ୍ୟ ।

ସେହିପରି ବିଶେଷ ରୂପେ ଖାଦ୍ୟ ଖାଉଥିବା ସ୍ଥାନରେ ମଧ୍ୟ ଖିଆଲ ରଖନ୍ତୁ କି ଯଦିକେହି ଅସମୟରେ ମଧ୍ୟ ଆସିଯାଏ ଓ ତାର ମଜ୍‌ବୁରୀ ଥିବ ଅର୍ଥାତ୍ ସେ ବେମାର ଥିବ ବା ତା ପିଲା କାନ୍ଦୁଥିବ, ତେଣୁ ଯଦି ତାର ଆବଶ୍ୟକ ଥିବ ତେବେ ପାରୁପର୍ଯ୍ୟନ୍ତ ତାର ସାହାଯ୍ୟ କରାଯାଉ । ଯଦି ସାହାଯ୍ୟ ନ କରିପାରୁଛ ତେବେ ନୀରବତାର ସହିତ ଉତମ ଚରିତ୍ର ଦ୍ୱାରା ଖୁସିର ସହିତ ଉତର ଦିଅନ୍ତୁ । ଯଦି କିଏ କଠୋର ଶବ୍ଦ ବ୍ୟବହାର ମଧ୍ୟ କରିଦେଉଛି ତେବେ ଚୁପ୍ ହୋଇ ରୁହନ୍ତୁ ।

ଏହିପରି ପୁରୁଷ ଓ ମହିଳାମାନଙ୍କ ଗାଧୁଅଘର ଗୁଡିକରେ ସ୍ୱଚ୍ଛତା ରଖିବା ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ସେଠାରେ ସେ ସବୁର ଧ୍ୟାନ ମଧ୍ୟ ରଖିବା ଉଚିତ୍ । ଏକଥା ପ୍ରତି କାଲି ମୁଁ କାର୍‌କୁନ୍‌ମାନଙ୍କୁ ହିଦାୟତ୍ ଦେଇ ଧ୍ୟାନ ଆକର୍ଷଣ ମଧ୍ୟ କରାଇଥିଲି । ଡ୍ୟୁଟି ଉତମ ରୂପେ ଓ ସେହି ସ୍ତର ମୁତାବକ ଦେବାପାଇଁ ଯେଉଁ ସ୍ତର ଅନୁସାରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମଠାରୁ ଆଶା କରୁଥିଲେ । ଏହା ଜରୁରୀ ଅଟେ କି ନମ୍ରତା ଓ ବିନୟଭାବ ସୃଷ୍ଟି ହେଉ । ହୃଦୟରେ ଅନ୍ୟମାନଙ୍କ ପାଇଁ ପ୍ରେମଭାଗ ସୃଷ୍ଟିହେଉ । ଏହାର ଆବେଗ ହେଉ । ଯଦି ଏହା ସବୁହେଉଥିବ ତେବେ ଆପଣମାନଙ୍କର ଡ୍ୟୁଟି ମଧ୍ୟ ଅଲ୍ଲାଃତାଲାଙ୍କ ଖାତିର୍ ହେବ ।

ସେହିପରି ଆସିଥିବା ଅତିଥିମାନଙ୍କୁ ମଧ୍ୟ ମନେ ରଖିବା ଉଚିତ । ପ୍ରାରମ୍ଭରେ ମଧ୍ୟ ମୁଁ ସେମାନଙ୍କୁ ଏହା କହିସାରିଛି କି ଏଠାକୁ ଆସିବାର ଉଦ୍ଦେଶ୍ୟ ଆପଣମାନଙ୍କର ଏହା ହେବା ଉଚିତ୍ କି ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ ହେଉ ଓ ତାର ଉତମ ସ୍ତର ହାସଲ କରାଯାଉ । ଏବଂ ପୁଣି ତା ଭକ୍ତମାନଙ୍କର ଅଧିକାରକୁ ପ୍ରଦାନ କରିବା ପାଇଁ ଧ୍ୟାନ ଆକର୍ଷଣ କରିବାର ଅଛି । ଆସିଥିବା ଅତିଥିମାନଙ୍କୁ ଏକଥା ସବୁ ମନେରଖିବା ଉଚିତ୍ ହେବ କି ଏହି ଜଲ୍‌ସାରେ ସେମାନେ ଏଥିପାଇଁ ସାମିଲ୍ ହେଉଛନ୍ତି ଯେପରିକି ମୁଁ ପୂର୍ବରୁ ଚର୍ଚ୍ଚା କରି ଆସିଛି ଯେ ହୃଦୟ ଭିତରେ ତକ୍‌ୱା ସୃଷ୍ଟି କରିବାକୁ ହେବ । ନିଜର ଜ୍ଞାନ, କାର୍ଯ୍ୟଶୈଳୀ ଏବଂ ଆଧ୍ୟାତ୍ମିକ ଅବସ୍ଥାକୁ ଉନ୍ନତ କରିବାକୁ ହେବ । ସୁତରାଂ ଯଦି ଏସବୁ ଉଦ୍ଦେଶ ସମ୍ମୁଖରେ ରହିବ ତେବେ କୌଣସି ପ୍ରକାରର ଶତୃତାଭବ ଏବଂ ଆାରୋପ ଅଭିଯୋଗ ଅନ୍ୟମାନଙ୍କ ସହିତ ଓ ବିଶେଷ ରୂପେ କାମ କରୁଥିବା ଲୋକମାନଙ୍କ ସହିତ ଅର୍ଥାତ୍ କାର୍‌କୁନ୍‌ମାନଙ୍କ ସହିତ ସୃଷ୍ଟିହେବନାହିଁ । ଏହ ଡ୍ୟୁଟି ଦେଉଥିବା ଲୋକମାନଙ୍କ ମଧ୍ୟରୁ ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ହେଉଛନ୍ତି ଯୁବକ, ସ୍କୁଲ୍‌ରେ ପଢୁଛନ୍ତି, କଲେଜ୍ ଓ ୟୁନିଭର୍‌ସିଟିରେ ପାଠ ପଢୁଛନ୍ତି । କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଭଲ ଭଲ ବିଭାଗରେ କାମ କରୁଛନ୍ତି । ସେମାନେ ସମସ୍ତେ ଏହି ଡ୍ୟୁଟି କେବଳ ଏଇଥିପାଇଁ ଦେଉଛନ୍ତି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନେ ଆସୁଛନ୍ତି । ତେଣୁ ଆପଣ ଯେଉଁମାନେ ଏ ଜଲ୍‌ସାରେ ସାମିଲ୍ ହେଉଛନ୍ତି ଆପଣମାନଙ୍କୁ ମଧ୍ୟ ନିଜକୁ ଏହି ସ୍ତରରେ ଆଣିବା ଆବଶ୍ୟକ ଯାହା ଆପଣମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥି ହେବାର ଅଧିକାରୀ କରାଇଥାଏ । କେବଳ ଜଲ୍‌ସାରେ ସାମିଲ୍ ହୋଇ ଆପଣ ଅତିଥି ହୋଇପାରିବେ ନାହିଁ ।

ଯଦି ଆପଣମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶିକ୍ଷା ଉପରେ ଅମଳ କରୁନାହାଁନ୍ତି, ଆପଣ ଆ:ସଙ୍କ କଥା ଉପରେ ପରିଚାଳିତ ହେଉନାହାଁନ୍ତି, ଆପଣ ଆ:ସଙ୍କ ଜଲ୍‌ସାର ଉଦ୍ଦେଶ୍ୟକୁ ପୂରଣ କରୁନାହାଁନ୍ତି ତେବେ ଆପଣ ହଜାରଥର କୁହନ୍ତୁ କି ଆମେ ଜଲ୍‌ସାରେ ଆସିଛୁ ବୋଲି ଓ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥି ବୋଲି କିନ୍ତୁ ବାସ୍ତବରେ ଆପଣମାନେ ଅତିଥି ନୁହଁନ୍ତି । କାରଣ ଆପଣଙ୍କ କର୍ମ ଏହା ପ୍ରମାଣ କରୁଅଛି କି ଆପଣମାନଙ୍କର ସେହିପରି ଆଚରଣ ନାହିଁ ।

ସୁତରାଂ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନେ ମଧ୍ୟ ନିଜକୁ ଉପରୋକ୍ତ କଥାଗୁଡିକରୁ ମୁକ୍ତ ଭାବନ୍ତୁ ନାହିଁ । ଆପଣମାନଙ୍କୁ ମଧ୍ୟ ନିଜର ଆଚରଣ ଠିକ୍ କରିବାକୁ ପଡ଼ିବ ଏବଂ ଯେଉଁମାନେ ଏଠାରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସହଯୋଗ କରିବାକୁ ପଡ଼ିବ । ନିଶ୍ଚିତ ରୂପେ ଏହି ଲୋକମାନେ ଆପଣମାନଙ୍କ ଖିଦ୍‌ମତ୍ ପାଇଁ ନିୟୋଜିତ ହୋଇଛନ୍ତି କିନ୍ତୁ ଆପଣଙ୍କ ତରଫରୁ ମଧ୍ୟ ଉତମ ବ୍ୟବହାର ପ୍ରଦର୍ଶନ ହେବା ଉଚିତ୍ । ଏହି ଯୁବକମାନେ ଯେଉଁମାନେ ଏକ ଭାବନା ଓ ଉକ୍ଣ୍ଠାର ସହିତ ସେବା କରିବା ପାଇଁ ଆସିଛନ୍ତି ସେମାନଙ୍କ ସହିତ ଅତିଥିମାନଙ୍କୁ ମଧ୍ୟ ଭଦ୍ର ଆଚରଣ କରିବା ଉଚିତ୍ । ଉତମ ଚରିତ୍ରର ପ୍ରଦର୍ଶନ କରିବା ଉଚିତ୍ । ଫଳତ । ସେମାନଙ୍କ ଭିତରେ ସେବା କରିବାର ଇଚ୍ଛା, ମନୋଭାବ ଓ ଉତ୍ସାହ ଆହୁରି ଅଧିକ ବଢ଼ିଯିବ । ଏପରି ନହେଉ କି ଅତିଥିମାନଙ୍କ ଆଚରଣ ଯୋଗୁ ଆସନ୍ତାବର୍ଷ ଏମାନେ ଡ୍ୟୁଟି କରିବାରୁ ନିବୃତ ରହିବା ଆରମ୍ଭ କରିଦିଅନ୍ତୁ ।

ପୁଣି ଜର୍ମାନୀରେ ରହୁଥିବା ଅତିଥିମାନଙ୍କୁ ଏହା ମଧ୍ୟ ମନେରଖିବା ଉଚିତ୍ କି ସେମାନେ ଗୋଟିଏ ଦୃଷ୍ଟିରୁ ହେଉଛନ୍ତି ଅତିଥି ଓ ଆଉଗୋଟିଏ ଦୃଷ୍ଟିରୁ ହେଉଛନ୍ତି ଆତିଥ୍ୟକର୍ତା । ଯେଉଁମାନେ ଜର୍ମାନୀ ବାହାରୁ ଆସିଛନ୍ତି ସେମାନଙ୍କ ପାଇଁ ଜର୍ମାନୀର ଅତିଥିମାନେ କୁର୍ବାନୀ ଦେବା ଉଚିତ୍ । କାରଣ ଯେଉଁମାନେ ଜର୍ମାନୀରେ ରହୁନାହାଁନ୍ତି ଓ ବାହାରୁ ଆସି ଜଲ୍‌ସାରେ ସାମିଲ୍ ହେଉଛନ୍ତି ସେମାନେ ବର୍ତମାନ ଅତିଥି ହୋଇଛନ୍ତି ଓ ଏଠିକାର ରହିବାବାଲା ଲୋକେ ଆତିଥ୍ୟକର୍ତା ହୋଇଯାଇଛନ୍ତି । ସୁତରାଂ ସେମାନଙ୍କ ପାଇଁ ଆପଣମାନେ କୁର୍ବାନୀ ଦେବା ଉଚିତ୍ । ବସିବା ପାଇଁ ଯାଗା ଦେବା ଉଚିତ୍ । ଖାଇବା ସମୟରେ ଯଦି ଯାଗାର ଅଭାବ ରହେ ସେଠାରେ ସେମାନଙ୍କୁ ଜାଗା ଦେବା ଉଚିତ୍ ଅଥବା ଯଦି କୌଣସି ପ୍ରକାରର ଆବଶ୍ୟକ ଅଛି ତେବେ ଆପଣ ସମସ୍ତଙ୍କର ଦାୟିତ୍ୱ ହେଉଛି କି ସେମାନଙ୍କୁ ସାହାଯ୍ୟ କରନ୍ତୁ । ଭାଷା ଇତ୍ୟାଦିର ସମସ୍ୟା ଯୋଗୁ ବେଳେବେଳେ ସାହାଯ୍ୟର ଆବଶ୍ୟକତା ପଡ଼ିଥାଏ । ଏହିପରି ଯେଉଁଠି ସାହାଯ୍ୟର ଆବଶ୍ୟକ ପଡୁଛି ସେଠାରେ ସାହାଯ୍ୟ କରନ୍ତୁ । ଏହାକେବଳ ଡ୍ୟୁଟି ଦେଉଥିବା ଲୋକମାନଙ୍କର କାର୍ଯ୍ୟ ନୁହେଁ କି ସେମାନେ କେବଳ ସାହାଯ୍ୟ କରିବେ । ବରଂ ଏଠିକାର ରହୁଥିବା ପ୍ରତ୍ୟେକ ଅହେମଦୀଙ୍କର ଏହା ଦାୟିତ୍ୱ ଅଟେ କି ସେମାନଙ୍କୁ ସାହାଯ୍ୟ କରିବେ ଏବଂ ଏହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶାବଳୀ ମୁତାବକ ଆପୋଷ ପ୍ରେମଭାବ ଓ ଭାଇଚାରାର ପ୍ରକାଶ ଅଟେ । ସେହିପରି ଯେଉଁ ସବୁ ଅଣ ଜମାତୀୟ ଅତିଥିମାନେ ଆସିଛନ୍ତି ସେମାନଙ୍କୁ ମଧ୍ୟ, ଯେପରିକି ମୁଁ କହିସାରିଛି ପ୍ରତ୍ୟେକ ଅହେମଦୀମାନଙ୍କୁ ନିଜର ପୁଣ୍ୟ ଦୃଷ୍ଟାନ୍ତ ଦେଖାଇବା ଉଚିତ୍ । ଆପଣ ସମସ୍ତଙ୍କ ନମୁନାକୁ ଦେଖି ଅନ୍ୟମାନଙ୍କୁ ଇସ୍‌ଲାମୀୟ ପରିବେଶର ସୁନ୍ଦର ଦୃଶ୍ୟ ଦେଖାଯିବ ଯେଉଁଠି ପ୍ରତ୍ୟେକ ଅହେମଦୀ ବିନମ୍ରତା, ଆପୋଷ, ପ୍ରେମଭାବ ଏବଂ ଭାଇଚାରାର ଦୃଷ୍ଟାନ୍ତ ସ୍ଥାପନ କରୁଥିବ ସେହି ସବୁ ଦୃଶ୍ୟ ଲୋକମାନଙ୍କୁ ଦୃଷ୍ଟିଗୋଚର ହେବ । ସୁତରାଂ ପୁରୁଷ ଏବଂ ମହିଳା ଦୁଇଜଣଙ୍କୁ ଏକଥା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ ।

ଖାଇବା ପିଇବା ସମ୍ବନ୍ଧରେ ଯଦି କେଉଁଠି କିଛି କମ୍ ବେଶି ହୋଇଯାଏ ତେବେ ବରଦାସ୍ତ କରିବା ଉଚିତ୍ । ଅସଲ ଖାଦ୍ୟ ଯେଉଁଥିପାଇଁ ଆପଣମାନେ ଏଠାକୁ ଆସିଛନ୍ତି ତାହା ହେଉଛି ଆଧ୍ୟାତ୍ମିକ ଓ ଜ୍ଞାନରୂପକ ଖାଦ୍ୟ । ତେଣୁ ଏହାକୁ ହାସଲ କରିବା ପାଇଁ ଚେଷ୍ଟା କରନ୍ତୁ । ଏହା ଅତ୍ୟାବଶ୍ୟକ । ସେହିପରି ବଜାରରେ ମଧ୍ୟ ସେ ସମୟରେ ଯାଆନ୍ତୁ ଯେବେ ତାର ଉଚିତ୍ ସମୟ ଥିବ । ମୋ ମତରେ ସାଧାରଣତଃ ଯେଉଁ ତର୍‌ବିୟତ୍ ବିଭାଗ ଅଛି ସେମାନେ ବଜାର ତ ସେ ସମୟରେ ଖୋଲୁଛନ୍ତି ଯେବେ ଜଲ୍‌ସାର ସେଶନ୍ ଚାଲିନଥାଏ । କିନ୍ତୁ ବେଳେବେଳେ ଲୋକମାନେ ଜୋର୍ ଦେଇଥାନ୍ତି କି ନାଇ ଆମକୁ ଯିବାକୁ ହେବ, ଆମକୁ ଭୋକ ଲାଗୁଛି । ତେଣୁ ଏହିସବୁର ବ୍ୟବସ୍ଥା ପାଇଁ ପୂର୍ବରୁ ମୁଁ ଅନେକଥର ଏହା କହିସାରିଛି କି ଅତିଥିକର୍ତାଙ୍କ ବିଭାଗକୁ ଏହି ବ୍ୟବସ୍ଥା କରିବା ଉଚିତ୍ । ପୁଣି ମହିଳାମାନଙ୍କର ବଜାର ଅଛି । ସେମାନଙ୍କ ବଜାରରେ ମଧ୍ୟ ଓ ପୁରୁଷ ମାନଙ୍କର ବଜାରରେ ମଧ୍ୟ ଜଲ୍‌ସାର ପବିତ୍ରତା ଓ ପରିବେଶକୁ ଦୃଷ୍ଟିଦେବା ଉଚିତ୍ । ଏହା ନୁହେଁ କି କେବଳ ଜଲ୍‌ସାଗାଃରେ ବସି ହିଁ ଜଲ୍‌ସାର ପବିତ୍ରତାକୁ ଅବଲମ୍ବନ କରାଯାଇପାରିବ । ଏହାସବୁ ପରିଧି ଭିତରେ ଆସିଗଲା । ଏହି ଇଲାକା ମଧ୍ୟରେ ଆସିଗଲା । ଯେଉଁଠି ଟେଂଟ୍ ଲଗାହୋଇଛି, କ୍ୟାମ୍ପ ଲଗାହୋଇଛି ତଥା ହଲ୍ ରହିଛି । ଏହାସବୁ ଜଲ୍‌ସାର ସ୍ଥାନ ଅଟେ । ଏଠାରେ ମଧ୍ୟ ଆପଣମାନଙ୍କୁ ଜଲ୍‌ସାର ପବିତ୍ରତା କାଏମ୍ ରଖିବା ଉଚିତ୍ । ପବିତ୍ର କୋରାନ୍‌ରେ ଯେଉଁ ହୁକୁମ୍ ଅଛି *କୁଲୁ ଲିନ୍ନାସି ହୁସ୍‌ନା* ଯାହାକୁ ମୁଁ ପୂର୍ବରୁ ବତାଇସାରିଛି । ଏହାକେବଳ କାର୍‌କୁନ୍ ମାନଙ୍କ ନିମନ୍ତେ ନୁହେଁ ବରଂ ପ୍ରତ୍ୟେକ ମୁସଲ୍‌ମାନ୍ ମାନଙ୍କ ପାଇଁ ଓ ବିଶେଷ ରୂପେ ପ୍ରତ୍ୟେକ ଅହେମଦୀଙ୍କୁ ଏକଥା ଧ୍ୟାନ ଦେବା ଉଚିତ୍ ।

ମୁଁ କାର୍‌କୁନ୍ ମାନଙ୍କୁ ଏହା କହିଛି କି ସେମାନେ ଉତମ ଚରିତ୍ର ପ୍ରଦର୍ଶନ କରନ୍ତୁ ଓ କୌଣସି ପ୍ରକାରର କୁଚରିତ୍ର ଦେଖାନ୍ତୁ ନାହିଁ । କାଲି ବି କହିଥିଲି ଏବଂ ଆଜି ମଧ୍ୟ କହିଛି । କିନ୍ତୁ ଏହାର ମତ୍‌ଲବ୍ ଏହା ମଧ୍ୟ ନୁହେଁ କି ସେମାନଙ୍କ ଧୈର୍ଯ୍ୟକୁ ଆପଣମାନେ ପରୀକ୍ଷା କରନ୍ତୁ ଏବଂ ଏପରି ପରିବେଶ ସୃଷ୍ଟି କରନ୍ତୁ ଯଦ୍ୱାରା ଅନିଶ୍ଚିତତାର ଅବସ୍ଥା ସୃଷ୍ଟି ହୋଇଯିବ । ଯେଉଁ ସ୍ଥାନରେ ଯେଉଁ ବିଭାଗ ସମ୍ବନ୍ଧୀୟ କାର୍‌କୁନ୍ ଅଛନ୍ତି ସେମାନେ ଆପଣଙ୍କଠାରୁ ଯଦି କୌଣସି ପ୍ରକାରର ମୋତଲବା କରନ୍ତି ବା ହିଦାୟତ୍ କରନ୍ତି ତେବେ ଆପଣମାନେ ଉତମ ଚରିତ୍ର ପ୍ରଦର୍ଶନ କରି ସେମାନଙ୍କ କଥାକୁ ମାନି ନିଅନ୍ତୁ

ଓ ସହଯୋଗ କରନ୍ତୁ । ସୁତରାଂ ପବିତ୍ର କୋରାନ୍‌ର ନିର୍ଦ୍ଦେଶା ମୁତାବକ ଅର୍ଥାତ୍ ଉତମ ଚରିତ୍ରକୁ ଉପସ୍ଥାପନ କରନ୍ତୁ, ପ୍ରତ୍ୟେକ ସାମିଲ୍ ହେଉଥିବା ଲୋକଙ୍କ ପାଇଁ ଏହି ହୁକୁମ୍‌ଟି ରହିଛି ।

ଜଲ୍‌ସା ସମୟରେ ଯେବେ ପ୍ରୋଗ୍ରାମ୍ ହେଉଥିବ ସେତେବେଳେ କୌଣସି ମଜ୍‌ବୁରି ନଥିଲେ ନିଶ୍ଚିତ ରୂପେ ବସି କାର୍ଯ୍ୟକ୍ରମ ଗୁଡିକୁ ଶୁଣନ୍ତୁ । ପ୍ରତ୍ୟେକ ତକ୍‌ରିର୍‌ରେ ପ୍ରତ୍ୟେକ ଅହେମଦୀଙ୍କ ପାଇଁ କିଛି ନା କିଛି ଏପରି କଥା ଥାଏ ଯାହା ତା ଜୀବନକୁ ଉତମ ରୂପେ ଗଢ଼ି ତୋଳିବା ପାଇଁ କାମରେ ଆସେ ।

ସେହିପରି ଜଲ୍‌ସା ଚାଲିଥିବା ସମୟରେ ମଧ୍ୟ ଏବଂ ଚଲାବୁଲା କରୁଥିବା ସମୟରେ ମଧ୍ୟ ଜିକ୍‌ରେ ଏଲାହି (ଇଶ୍ୱରଙ୍କ ଚର୍ଚ୍ଚା), ଦରୁଦ୍ ଏବଂ ଇସ୍‌ତେଗ୍‌ଫାର୍ ପଢ଼ିଚାଲନ୍ତୁ । କାରଣ ଏହି ଦୁଆ, ଜିକ୍‌ରେ ଏଲାହି ଏବଂ ଦରୁଦ୍ ପ୍ରତ୍ୟେକଙ୍କ ନିଜସ୍ୱ ଅବସ୍ଥାକୁ ଉତମ କରିଦେବା ପାଇଁ ହେଉଛି ମାଧ୍ୟମ ଓ ଜମାତ୍‌ର ଅବସ୍ଥାକୁ ମଧ୍ୟ ଉତମ କରିଦେବା ପାଇଁ ହେଉଛି ଏକ ଜରିଆ ଏବଂ ଉମ୍ମତେ ମୁସ୍‌ଲିମା ଯେଉଁ ଯୁଗଦେଇ ଅତିବାହିତ ହେଉଛି ତା ପାଇଁ ମଧ୍ୟ ଉତମ ବ୍ୟବସ୍ଥା ହେବାପାଇଁ ଦୁଆ କରନ୍ତୁ ।

ବର୍ତମାନ ସଂସାରରେ ସବୁଠାରୁ ଅଧିକା ଦରୁଦ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ପ୍ରେରଣ କରାଯାଉଛି । କେବଳ ନମାଜରେ ହିଁ ବୋଧହୁଏ କୋଟିକୋଟି ମୁସଲ୍‌ମାନ୍ ଦରୁଦ୍ ପଢୁଛନ୍ତି । କିନ୍ତୁ ଆମେ ଦେଖିବାକୁ ପାଉଛେ କି ଦିନୀ ମାମଲାରେ ମଧ୍ୟ ଆଧ୍ୟାତ୍ମିକ ମାମଲାରେ ମଧ୍ୟ, ସାଂସାରିକ ଦୃଷ୍ଟିକୋଣରେ ମଧ୍ୟ ମୁସଲ୍‌ମାନ୍ ମାନଙ୍କର ସବୁଠାରୁ ନ୍ୟୁନତମ ଅବସ୍ଥାରେ ରହିଛି । ଏହା ଏଇଥିପାଇଁ କି ଏମାନେ ଦରୁଦ୍‌କୁ କେବଳ ତଥାକଥିତ ପ୍ରଥା ମୁତାବକ ପଢୁଛନ୍ତି । ଯେଉଁ ନମାଜ ପଢୁଛନ୍ତି ସେହି ନମାଜ ତାଙ୍କ ଧ୍ୱଂସର କାରଣ ହେଉଛି । ଅଲ୍ଲାଃତାଲା ଏପରି ନମାଜ ପଢ଼ିଥିବା ବ୍ୟକ୍ତିମାନଙ୍କ ମୁହଁ ଉପରେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ସେହି ନମାଜକୁ ମାରୁଛନ୍ତି । ସୁତରାଂ ଏପରି ଅବସ୍ଥାରେ ନିଷ୍ଠାର ସହିତ ଓ ଭକ୍ତିଭାବର ସହିତ ଓ ନିଜ ଅବସ୍ଥାରେ ପରିବର୍ତନ ସୃଷ୍ଟିକରି ନିଜ ହୃଦୟ ମଧ୍ୟରେ ଇଶ୍ୱରଙ୍କର ତକ୍‌ୱା ସୃଷ୍ଟିକରି ଅହେମଦୀ ମାନଙ୍କ ପାଇଁ ଏକ ବହୁତ ବଡ ଦାୟିତ୍ୱ ରହିଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଦରୁଦ୍ ଏବଂ ସଲାମ୍ ପ୍ରେରଣ କରନ୍ତୁ ଏବଂ ଇସ୍‌ଲାମ୍‌ର ଉନ୍ନତି ନିମନ୍ତେ ଦୁଆ କରନ୍ତୁ । ଏହି ଦେଶଗୁଡିକରେ ଆସି କେବଳ ନିଜର ସାଂସାରିକ ମନୋବାଞ୍ଛା ପୂର୍ଣ୍ଣ କରିବା ବାଲା ହୋଇନଯାଆନ୍ତୁ ବରଂ ଗୋଟିଏ ପବିତ୍ର ପରିବର୍ତନ ନିଜ ଭିତରେ ସୃଷ୍ଟି କରିବା ପାଇଁ ଚେଷ୍ଟା କରନ୍ତୁ । ଦରୁଦ୍ ବ୍ୟତୀତ ଜିକ୍‌ରେ ଏଲାହି ଦ୍ୱାରା ନିଜ ଜିହ୍ୱାକୁ ନିୟୋଜିତ ରଖନ୍ତୁ । ଅଲ୍ଲାଃତାଲାଙ୍କ ଠାରୁ ଏ ପ୍ରାର୍ଥନା ମାଗନ୍ତୁ କି ଅଲ୍ଲାଃତାଲା ଆମକୁ ଏହି ଜଲ୍‌ସାର ଉଦ୍ଦେଶ୍ୟକୁ ପୁରଣ କରିବା ବାଲା ଏବଂ ଏହାର ବର୍‌କାତ୍‌ରୁ ଭାଗନେବାବାଲା ବନାନ୍ତୁ । ଏହି ଯାତ୍ରା ଯାହାକୁ ଏକ ପୁଣ୍ୟ ଉଦ୍ଦେଶ୍ୟ ପାଇଁ କରାଯାଇଛି ଏହାର ବୈଭବ ଆମକୁ ସଦାସର୍ବଦା ପହଂଚୁଥାଉ ଏବଂ ଆମର ଆସନ୍ତା ପିଢ଼ୀମାନଙ୍କ ମଧ୍ୟରେ ତକ୍‌ୱା ସୃଷ୍ଟି ହେଉ ଏବଂ ଅଲ୍ଲାଃତାଲାଙ୍କୁ ଯେଉଁ ସବୁ କଥା ନାପସନ୍ଦ ସେଥିରୁ ଆମେ ବିରତ ରହୁ । ଆମର ସନ୍ତାନ ଓ ପିଢ଼ୀ ମଧ୍ୟ ଉକ୍ତ ଅପସନ୍ଦ କାର୍ଯ୍ୟରୁ ବଂଚିତ ରହୁ । ଆମ ମାଲ୍‌ରେ ବର୍‌କତ୍ ହେଉ । ଆମେ ଏବଂ ଆମ ସନ୍ତାନମାନେ ଧନ ଉପାର୍ଜନ କରିବାର ଏପରି ମାର୍ଗ ନଆପଣାନ୍ତୁ ଯାହା ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଅପସନ୍ଦ ଓ ଭୁଲ୍ ବା ପୁଣି ହରାମ୍ ଧନର ପରିଧି ଭିତରେ ସେ ଆସୁଥିବ । ମହିଳାମାନେ ନିଜ ସ୍ୱାମୀ ଓ ନିଜ ପିଲାମାନଙ୍କ ପାଇଁ ଦୁଆ କରନ୍ତୁ କି ଅଲ୍ଲାଃତାଲା ସର୍ବଦା ସେମାନଙ୍କୁ ଧର୍ମମାର୍ଗରେ ପ୍ରତିଷ୍ଠିତ ରଖନ୍ତୁ । ଅଲ୍ଲାଃତାଲା ଏପରି ସମସ୍ତ ପ୍ରକାର ପରୀକ୍ଷାରୁ ବଂଚାଇ ରଖନ୍ତୁ ଯାହାଦ୍ୱାରା ଦୀନ୍ ନଷ୍ଟ ହେବାର ବିପଦ ଥିବ । ସର୍ବଦା ସିଧା ରାସ୍ତାରେ ଆମେ ପରିଚାଳିତ ହେଉ । ଜିକ୍‌ରେ ଏଲାହି ଏବଂ ଚଲାବୁଲା କରିବା ସମୟରେ ଦୁଆ କରି ଏକଥାର ବିଶେଷ ରୂପେ ଧ୍ୟାନ ରଖନ୍ତୁ କି ଏହି ଦିନଗୁଡିକରେ ବିଶେଷତଃ ଓ ପରେ ସାଧାରଣତଃ ବାଜମାତ୍ ନମାଜ୍ ନିୟମିତ ପାଠ କରନ୍ତୁ ଓ ବିଶେଷ ରୂପେ ଏଠାରେ ରହିଥିବା ଲୋକମାନେ ଫଜର୍ ନମାଜରେ ନିଶ୍ଚିତ ରୂପେ ସାମିଲ୍ ହୁଅନ୍ତୁ ବରଂ ଏଠାରେ ତହ୍‌ଜୁଦ୍ ନମାଜର ମଧ୍ୟ ବ୍ୟବସ୍ଥା କରାଯାଉଛି । ସେଥିପାଇଁ ନିଶ୍ଚିତ ଜାଗନ୍ତୁ ଓ ସାମିଲ୍ ହୁଅନ୍ତୁ । ସେହିପରି ଯେଉଁ କାର୍‌କୁନ୍‌ମାନେ ଡ୍ୟୁଟି ସମୟରେ ଯଦି ନମାଜ ବାଜମାତ୍ ପଢ଼ିପାରୁନାହାଁନ୍ତି ତେବେ ଡ୍ୟୁଟି ପରେ ତତ୍‌କ୍ଷଣାତ୍ ନମାଜ ବାଜମାତ୍ ପଢ଼ିବାର ବ୍ୟବସ୍ଥା କରନ୍ତୁ ବା ଏପରି ସମୟ ଧାର୍ଯ୍ୟ କରନ୍ତୁ କି ନିଜ ନିଜ ଡ୍ୟୁଟି ସ୍ଥାନରେ ପ୍ରଥମେ ବାଜମାତ ନମାଜ ପଢ଼ିନିଅନ୍ତୁ ।

ଅଲ୍ଲାଃତାଲା ପ୍ରତ୍ୟେକଙ୍କୁ ତାଙ୍କ ଇଛା ମୁତାବକ ଜୀବନ ବିତାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏବଂ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଜମାତ୍‌ରେ ସାମିଲ୍ ହେବାର ଆତ୍ମାକୁ ବୁଝି ଏହାର ହକ୍ ପ୍ରଦାନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଆତ୍ମା କଣ ? ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶବ୍ଦରେ ମୁଁ ବର୍ଣ୍ଣନା କରିଦେଉଛି । ଆପଣ ଆ:ସ କହୁଛନ୍ତି କି ''ଯେପର୍ଯ୍ୟନ୍ତ ଆମ ଜମାତ୍ ତକ୍‌ୱା ଗ୍ରହଣ ନକରିଛି ସେପର୍ଯ୍ୟନ୍ତ ନଜାତ୍ (ମୋକ୍ଷ) ପାଇ ପାରିବ ନାହିଁ । ଖୁଦାତାଲା ନିଜ ସୁରକ୍ଷା ବଳୟ ଭିତରେ ନେବେନାହିଁ'' ।

(ମଲ୍‌ଫୁଜାତ, ଖଣ୍ଡ-୫, ପୃଷ୍ଠା-୪୫୮, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ପୁଣି ଆପଣ ଆ:ସ କହୁଛନ୍ତି ''ଘରଗୁଡ଼ିକୁ ଜିକ୍‌ରେ ଏଲାହି ଦ୍ୱାରା ଭରିଦିଅ । ସଦ୍‌କା ଖୈରାତ୍ ଦିଅ । ପାପରୁ ନିବୃତ ରୁହ ଯଦ୍ଦ୍ୱାରା ଅଲ୍ଲାତାଲା ଦୟା କରିବେ'' ।

(ମଲ୍‌ଫୁଜାତ, ଖଣ୍ଡ-୫, ପୃଷ୍ଠା-୪୫୯, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଅଲ୍ଲାଃତାଲା କରନ୍ତୁ କି ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅଭିଳାସ ମୁତାବକ ନିଜ ଜୀବନ ବିତାଇବା ବାଲା ହୋଇପାରିବା । ଜଲ୍‌ସାର ବୈଭବରୁ ବୈଭବ ହାସଲ କରିବାବାଲା ହେଉ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦୁଆଗୁଡିକ ଯାହାକୁ ଆପଣ ଆ:ସ ଏ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ନିମନ୍ତେ କରିଛନ୍ତି, ସେଥିରେ ଭାଗନେବାବାଲା ହେଉ ଏବଂ ଏହି ଦିନଗୁଡିକରୁ ମଧ୍ୟ ଭାଗ ନେବାବାଲା ହେଉ ଏବଂ ପରେ ମଧ୍ୟ ଆମେ ଏହାର ଉତରାଧିକାରୀ ହୋଇଚାଲୁ । ଅଲ୍ଲାଃତାଲା ଆମକୁ ସର୍ବଦା ପୁଣ୍ୟ କରିବାର ଶକ୍ତି ପ୍ରଦାନ କରିଚାଲନ୍ତୁ ।

ଗୋଟିଏ ଇନ୍ତେଜାମି କଥା ଯାହାକୁ ମୁଁ ପ୍ରଥମେ କହିନଥିଲି । ବର୍ତମାନ ତାହା ମଧ୍ୟ କହିବାକୁ ଚାହୁଁଛି କି ସିକ୍ୟୁରିଟି ଦୃଷ୍ଟିକୋଣରୁ ମଧ୍ୟ ନିଜର ଡାହାଣ ଓ ବାମପଟେ ଥିବା ପ୍ରତ୍ୟେକ ଲୋକଙ୍କ ଉପରେ ସର୍ବଦା ଦୃଷ୍ଟି ରଖିବା ଉଚିତ୍ । ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ମଧ୍ୟ ଓ ଡ୍ୟୁଟି ଦେଉଥିବା ଲୋକମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଯେଉଁ କର୍ମୀମାନେ ଏହି କାମ ପାଇଁ ନିୟୋଜିତ ଅଛନ୍ତି ତାଙ୍କ ସହିତ ସମ୍ପୂର୍ଣ୍ଣ ରୂପେ ସହଯୋଗ କରନ୍ତୁ । ଯଦି କୌଣସି ଜିନିଷ ଦେଖିବେ ତେବେ ତତ୍‌କ୍ଷଣାତ୍ ସେମାନଙ୍କୁ ଏତେଲା ଦିଅନ୍ତୁ । ଅଲ୍ଲାଃତାଲା ସାମିଲ୍ ହୋଇଥିବା ପ୍ରତ୍ୟେକ ଲୋକଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଓ କୌଣସି ପ୍ରକାର ଏପରି ଘଟଣା ନଘଟୁ ଯାହା କୌଣସି ପ୍ରକାର କ୍ଷତି ପହଁଚାଉଥିବ ।

## ଜମାତ୍‌ର ଲୋକମାନେ ବହୁମାତ୍ରାରେ ଏହି ଦୁଆଗୁଡିକୁ ପାଠ କରନ୍ତୁ ।

ବ୍ରିଟେନ୍ ଜଲ୍‌ସାସାଲାନାର ପ୍ରଥମଦିନ ତା-୦୩ ଅଗଷ୍ଟ ୨୦୧୮ ରିଖ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ନିଜ ଉଦ୍‌ଘାଟନୀ ଅଭିଭାଷଣରେ ଜମାତ୍‌ର ଲୋକମାନଙ୍କୁ ବହୁମାତ୍ରାରେ ଦରୁଦ୍ ଶରିଫ୍ ପଢ଼ିବା ଓ ନିମ୍ନଲିଖିତ ଦୁଆଗୁଡିକୁ ପାଠ କରିବା ନିମନ୍ତେ ତହ୍‌ରିକ୍ କରିଛନ୍ତି ।

(1) اَللّٰهُمَّ صَلِّ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا صَلَّيْتَ عَلٰى اٰلِ اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ اَللّٰهُمَّ بَارِكْ عَلٰى مُحَمَّدٍ وَّعَلٰى اٰلِ مُحَمَّدٍ كَمَا بَارَكْتَ عَلٰى اِبْرَاهِيْمَ وَعَلٰى اٰلِ اِبْرَاهِيْمَ اِنَّكَ حَمِيْدٌ مَّجِيْدٌ-

ଅନୁବାଦ:- ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍ (ବଂଶଜ)ଙ୍କ ଉପରେ ଦରୁଦ୍ ପ୍ରେରଣ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଉପରେ ଏବଂ ତାଙ୍କ ଆଲ୍‌ଙ୍କ ଉପରେ ଦରୁଦ୍ ପ୍ରେରଣ କରିଅଛ । ହେ ଆମ ଅଲ୍ଲାଃ ! ତୁମେ ମୁହମ୍ମଦ୍ ସ:ଆ:ସ ଏବଂ ମୁହମ୍ମଦ୍ ସ:ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କର, ଯେଉଁଭଳି ତୁମେ ଇବ୍ରାହିମ୍ ଆ:ସଙ୍କ ଆଲ୍‌ଙ୍କୁ ବର୍‌କତ୍ ପ୍ରଦାନ କରିଥିଲ । ତୁମେ ହେଉଛ ବହୁତ ପ୍ରଶଂସିତ (ଓ) ଗୌରବମୟ ।

(2) رَبَّنَا لَا تُزِغْ قُلُوْبَنَا بَعْدَ اِذْ هَدَيْتَنَا وَهَبْ لَنَا مِنْ لَّدُنْكَ رَحْمَةً ۚ اِنَّكَ اَنْتَ الْوَهَّابُ (آل عمران:9)

ଅନୁବାଦ:- ହେ ଆମର ପାଳନକର୍ତା ! ତୁମେ ଆମମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟୀଳ କରନାହିଁ ଏବଂ ତୁମ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମେ ହିଁ ମହାନ୍ ଦାତା । (ଆଲେ ଇମ୍‌ରାନ୍:୯)

(3) رَبَّنَا اغْفِرْ لَنَا ذُنُوْبَنَا وَاِسْرَافَنَا فِيْٓ اَمْرِنَا وَثَبِّتْ اَقْدَامَنَا وَانْصُرْنَا عَلَى الْقَوْمِ الْكٰفِرِيْنَ (آل عمران:148)

ଅନୁବାଦ:- ହେ ଆମର ପାଳନକର୍ତା ! ଆମମାନଙ୍କର ତୃଟିଗୁଡିକୁ ଆମମାନଙ୍କର କର୍ତବ୍ୟରେ ସୀମା ଲଙ୍ଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର । (ଆଲେ ଇମ୍‌ରାନ୍:୧୪୮)

(4) رَبَّنَا ظَلَمْنَآ اَنْفُسَنَا وَاِنْ لَّمْ تَغْفِرْ لَنَا وَتَرْحَمْنَا لَنَكُوْنَنَّ مِنَ الْخٰسِرِيْنَ (الاعراف:24)

ଅନୁବାଦ:- ହେ ଆମର ପାଳନକର୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମେ ଆମମାନଙ୍କୁ କ୍ଷମା ନକରିବ ଓ ଆମମାନଙ୍କ ପ୍ରତି କରୁଣା ନକରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ । (ଅଲ୍ ଆରାଫ୍:୨୪)

(5) رَبَّنَآ اٰتِنَا فِي الدُّنْيَا حَسَنَةً وَّفِي الْاٰخِرَةِ حَسَنَةً وَّقِنَا عَذَابَ النَّارِ (البقرہ:202)

ଅନୁବାଦ:- ହେ ଆମର ପାଳନକର୍ତା ! ତୁମ୍ଭେ ଆମମାନଙ୍କୁ (ଏହି) ପୃଥିବୀର ସଫଳତା ପ୍ରଦାନ କର ଓ ପରକାଳରେ (ମଧ୍ୟ) ସଫଳତା ପ୍ରଦାନ କର ଏବଂ ଆମମାନଙ୍କୁ ନରକାଗ୍ନି ଶାସ୍ତିରୁ ରକ୍ଷାକର । (ଅଲ୍ ବକ୍‌ରାଃ:୨୦୨)

(6) اَللّٰهُمَّ اِنَّا نَجْعَلُكَ فِيْ نُحُوْرِهِمْ وَنَعُوْذُ بِكَ مِنْ شُرُوْرِهِمْ

ଅନୁବାଦ:- ହେ ଆମର ପାଳନକର୍ତା ! ଆମେ ତୁମକୁ ସେମାନଙ୍କ ହୃଦୟରେ ରଖୁଅଛୁ । (ଅର୍ଥାତ୍ ତୁମର ରୋବ ଏବଂ ଭୟ ସେମାନଙ୍କ ହୃଦୟ ଭିତରେ ଭରିଯାଉ) ଏବଂ ସେମାନଙ୍କ ଦୁଷ୍ଟାମିରୁ ତୁମ ଶରଣ ଭିକ୍ଷା କରୁଅଛୁ । (ଅବୁଦାଉଦ୍, କିତାବ୍ ଫଜାଏଲୁଲ୍ କୁର୍‌ଆନ୍)

(7) رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

ଅନୁବାଦ:- ହେ ମୋର ପାଳନକର୍ତା ! ପ୍ରତ୍ୟେକ ବସ୍ତୁ ହେଉଛି ତୁମର ସେବକ । ପୁଣି ହେ ମୋର ପାଳନକର୍ତା ! ଦୁଷ୍ଟମାନଙ୍କ ଦୁଷ୍ଟାମୀରୁ ମୋତେ ସୁରକ୍ଷା ପ୍ରଦାନ କର ଓ ମୋତେ ସାହାଯ୍ୟ କର ଓ ମୋ ଉପରେ କରୁଣା କର । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମି ଦୁଆ)

## ଜେଲି ତନ୍‌ଜିମ୍ ଭାରତର ସାଲାନା ଇଜ୍‌ତିମା ୨୦୧୮ର ମଞ୍ଜୁରୀ

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟାପୂର୍ବକ ଜେଲି ତନ୍‌ଜିମ୍ ଭାରତର ସାଲାନା ଇଜ୍‌ତେମା ୨୦୧୮ ନିମନ୍ତେ ୧୨-୧୩-୧୪ ଅକ୍ଟୋବର ୨୦୧୮ (ଶୁକ୍ରବାର, ଶନିବାର ଓ ରବିବାର) ଦିନ ଗୁଡିକର ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ସମସ୍ତ ଜେଲି ତନ୍‌ଜିମ୍ ଗୁଡିକର ସଦସ୍ୟ ଓ ସଦସ୍ୟାମାନେ ଏବେଠାରୁ ଦୁଆ କରି କାଦିଆନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ଇଜ୍‌ତେମାରେ ଯୋଗଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ତତ୍‌ସହିତ ଏହି ଇଜ୍‌ତେମା ପ୍ରତି କ୍ଷେତ୍ରରୁ ସଫଳ ହେବାପାଇଁ ଅନବରତ ଦୁଆ ଜାରି ରଖନ୍ତୁ । ଜଜାକୁମୁଲ୍ଲାହୁ ତାଲା ଅହସନୁଲ୍ ଜଜା ।

(କାର୍ଯ୍ୟାଳୟ)

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ସଙ୍ଗେ କଥା ହେଲେ ।

୧ ସେପ୍ଟେମ୍ବର୍ ଶନିବାର ଦିନ ଜର୍ମାନୀରେ ଯାତ୍ରା କରୁଥିବା ସମୟରେ ରାସ୍ତାରେ ଯେତେବେଳେ ଗୋଟିଏ ରେଷ୍ଟୁରାଂଟ୍‌ର ପାର୍କି ଏରିଆରେ କିଛି ସମୟ ପାଇଁ ରହିଥିଲେ । ସେଠାରେ ଜଣେ ଜର୍ମାନୀ ମହିଳା ଏସିଆଇ ଲୋକମାନଙ୍କ ଦ୍ୱାରା ପରିବେଷ୍ଟିତ ଏତେବଡ କାଫିଲାକୁ ଦେଖି ନିଜର ଚିନ୍ତା ଓ ସୁରକ୍ଷାକୁ ପ୍ରକାଶ କରୁଥିଲେ । ସେତେବେଳେ ଅମୀର୍ ସାହେବ୍ ଜର୍ମାନୀ ତାଙ୍କୁ ବହୁତ ତଫସିଲ୍ ସହିତ ଜମାତ୍‌ର ପରିଚୟ ପ୍ରଦାନ କଲେ ଓ ତାଙ୍କ ଶଙ୍କାକୁ ଦୂର କରିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେ ସମ୍ବନ୍ଧରେ ଅମୀର୍ ସାହେବ୍ ଜର୍ମାନୀଙ୍କ ଠାରୁ ପଚାରି ବୁଝିଲେ କି ଉକ୍ତ ମହିଳା ଜଣକ କେଉଁ ବିଷୟରେ ଭୟ କରୁଥିଲେ । ଏଥିରେ ଅମୀର୍ ସାହେବ୍ ଜର୍ମାନୀ କହିଲେ ଏତେବଡ ସଂଖ୍ୟାରେ ଏସୀୟ ଲୋକମାନଙ୍କୁ ଦେଖି ସେ ବହୁତ ଭୟ କରିଗଲେ ଯେ ଆଜିକାଲି କିଛି ଏସୀୟ ଗୋଷ୍ଠୀଙ୍କ ତରଫରୁ ସନ୍ତ୍ରାସବାଦ କାର୍ଯ୍ୟକଳାପ ହେଉଅଛି । କିନ୍ତୁ ଯେତେବେଳେ ତାଙ୍କୁ ଜମାତ୍ ଓ ହଜୁର୍ ଅନୁଓ୍ୱର୍‌ଙ୍କ ବିଷୟରେ ପରିଚୟ ଦିଆଗଲା ସେତେବେଳେ ସେ ନିଶ୍ଚିନ୍ତ ହେଲା ଓ ସମ୍ପୂର୍ଣ୍ଣ ରୂପେ ସନ୍ତୁଷ୍ଟ ହେଲା ।

ସେହି ପାର୍କିଂ ଏରିଆରେ ଜଣେ ଶିଖ୍ ଯୁବକ ନିଜ ପୁଅକୁ ଧରି ଛିଡା ହୋଇଥିଲେ । ଯେତେବେଳେ ସେ ହଜୁର୍‌ଙ୍କୁ ଦେଖିଲା ସେତେବେଳେ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ବନ୍ଧରେ ପଚାରି ବୁଝିଲା । ଯେବେ ତାଙ୍କୁ ବତାଗଲା କି ହଜୁର୍ ଅନୁଓ୍ୱର୍ ହେଉଛନ୍ତି ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ପଂଚମ ଖଲିଫା ଓ ଜମାତ୍ ଅହେମଦୀୟାର ସର୍ବୋଚ୍ଚ ମୁଖିଆ ଏବଂ କାଦିଆନ୍ ହେଉଛି ମର୍କଜ୍ ସେତେବେଳେ ତାର ଆଗ୍ରହ ଆହୁରି ଅଧିକ ବଢ଼ିଗଲା ଓ ସେ କହିବାକୁ ଲାଗିଲା କି ମୁଁ ହେଉଛି ଅମୃତ୍‌ସର ବାସିନ୍ଦା ଓ କାଦିଆନ୍ ତ ହେଉଛି ଆମର ବହୁତ ନିକଟ ଓ ମୁଁ କାଦିଆନ୍‌ର ଜମାତ୍ ଅହେମଦୀୟା ବିଷୟରେ ଜାଣିଛି । ସେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶିବା ପାଇଁ ଇଚ୍ଛା ପ୍ରକାଶ କଲା । କିନ୍ତୁ ଇନ୍ତେଜାମିଆ ତରଫରୁ କୌଣସି କାରଣ ବଶତ ସାକ୍ଷାତ୍ କରାଯାଇପାରିଲା ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେହି ଶିଖ୍ ଯୁବକଙ୍କ ସମ୍ବନ୍ଧରେ ପଚାରି ବୁଝିଲେ । ଏଥିରେ ହଜୁର୍ ଅନୁଓ୍ୱର୍‌ଙ୍କୁ କୁହାଗଲା କି ସେ ଅମୃତସରର ରହିବାବାଲା ଥିଲା ଓ ହଜୁର୍‌ଙ୍କୁ ଦେଖି ହଜୁର୍‌ଙ୍କ ସହିତ ମିଶିବାର ଇଚ୍ଛା ରଖୁଥିଲା । ଏହା ଶୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ତାଙ୍କୁ ପୁରି ମିଶିବାର ସୁଯୋଗ ଦେବାର ଥିଲା ଯଦ୍ୱାରା ସେ ହାତ ମିଳାଇଥାଆନ୍ତେ ଓ ଫଟୋ ଉଠାଇଥାଆନ୍ତେ । ସେଠାରେ ସାକ୍ଷାତ୍ କରିବାର ଅସୁବିଧା କଣ ଥିଲା । ତାଙ୍କୁ ମିଶିବାର ସୁଯୋଗ ଦେବାର ଥିଲା ।

ଏହାପରେ ୮:୩୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍‌ରିବ ଓ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୩ ସେପ୍ଟେମ୍ବର୍ ୨୦୧୮ (ସୋମବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୫:୪୦ରେ ଆସି ନମାଜ ଫଜର୍ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳବେଳା ଦଫ୍‌ତରି ଡାକ, ଚିଠିପତ୍ର ଏବଂ ରିପୋର୍ଟ୍ ତଦାରଖ କଲେ ଓ ସେଥିରେ ହିଦାୟତ୍ ପ୍ରଦାନ କଲେ । ଏହିପରି ହଜୁର୍ ଅନୁଓ୍ୱର୍ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ଲିପ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ ମୁତାବକ ୧୧:୧୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତରରେ ପହଂଚିଲେ ଯେଉଁଠି ଫ୍ୟାମିଲି ସାକ୍ଷାତ୍‌କାର ଆରମ୍ଭ ହେଲା । ଆଜି ସକାଳର ଏହି ଶେଷନ୍‌ରେ ୬୨ ଫ୍ୟାମିଲିର ୨୦୪ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ପୁଅ ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍ କରିବାକୁ ଆସିଥିବା ଉକ୍ତ ଫ୍ୟାମିଲି ଗୁଡିକ ଜର୍ମାନୀର ବିଭିନ୍ନ ୪୫ ଗୋଟି ଜମାତ୍‌ରୁ ଓ ସହରରୁ ଆସିଥିଲେ ଓ ସେମାନଙ୍କ ମଧ୍ୟରୁ କିଛି ଲୋକ ଓ କିଛି ଫ୍ୟାମିଲି ବହୁତ ଲମ୍ବା ଲମ୍ବା ଯାତ୍ରା ଅତିକ୍ରମ କରି ଆସି ଏଠାରେ ପହଂଚିଥିଲେ । ବିଶେଷ ରୂପେ Hannover ରୁ ଆସିଥିବା ସଦସ୍ୟମାନେ ୩୫୦ କି.ମି ଅତିକ୍ରମ କରି ଆସିଥିଲେ ଓ ଯେଉଁମାନେ Vechta ରୁ ଆସି ଏଠାରେ ପହଂଚିଥିଲେ ସେମାନେ ୩୭୦ କି.ମି ଯାତ୍ରା ଅତିକ୍ରମ କରି ଆସିଥିଲେ । ଯେବେ କି Jesteburg ରୁ ଆସିଥିବା ୪୦୦କି.ମି, ବର୍‌ଲିନ୍‌ରୁ ଆସିଥିବା ୫୩୦କି.ମି ଏବଂ Pinneburg ରୁ ଆସିଥିବା ଫ୍ୟାମିଲି ଗୁଡିକ ୫୫୦କି.ମି ଲମ୍ବା ରାସ୍ତା ଅତିକ୍ରମ କରି ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଏଠାରେ ପହଂଚିଥିଲେ ଓ ପୁଣି ସେତିକି ରାସ୍ତା ଅତିକ୍ରମ କରି ନିଜ ଘରକୁ ଏମାନେ ଫେରିଯିବେ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଦ୍ୱିପ୍ରହର ୨ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ଜୋହର୍ ଏବଂ ଅସର ପୂର୍ବରୁ ମୋକରମ୍ ଖ୍ୱାଜା ଓ୍ୱହିଦ୍ ଅହେମଦ୍ ସାହେବ୍ ଅଫ୍ ଜମାତ୍ ଲମ୍ବର୍ଗଙ୍କ ନମାଜ ଯନାଜାଃ ହାଜିର୍ ଏବଂ ନିମ୍ନଲିଖିତ ୬ଜଣ ମରହୁମିନ୍ ମାନଙ୍କ ନମାଜ ଯନାଜାଃ ଗାଏବ୍ ପଢ଼ାଇଲେ ।

**ନମାଜ ଯନାଜାଃ ହାଜିର୍**

୨୯ ଅଗଷ୍ଟ ଦିନ ମୋକରମ୍ ଖ୍ୱାଜା ଓ୍ୱହିଦ୍ ଅହେମଦ୍ ସାହେବ୍ ଅଫ୍ ଜମାତ୍ ଅହେମଦୀୟା ଲମ୍ବର୍ଗଙ୍କର ଦେହାନ୍ତ ହେଲା । ଇନ୍ନା ଲିଲା ହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ । ମରହୁମ୍ ଖ୍ୱାଜା ହମିଦ୍ ଅହେମଦ୍ ସାହେବ୍‌ଙ୍କର ସେ ସୁପୁତ୍ର ଥିଲେ । ମୃତ୍ୟୁ ବେଳକୁ ତାଙ୍କର ବୟସ ୪୫ ଥିଲା । ମରହୁମ୍ ଜମାତ୍ ସହିତ ବହୁତ ତାଉନ୍(ସହଯୋଗ) କରୁଥିଲେ । ଇଜ୍‌ଲାସ୍ ଗୁଡିକରେ ନିୟମିତ ରୂପେ ସାମିଲ୍ ହେଉଥିଲେ ଓ ସମସ୍ତ ଚାନ୍ଦାକୁ ନିୟମିତ ପଇଠ କରୁଥିଲେ । ମରହୁମ୍ ତାଙ୍କ ଅନ୍ତେ ନିଜ ମା', ସ୍ତ୍ରୀ ଏବଂ ଚାରିଗୋଟି ଝିଅ ସ୍ମୃତି ରୂପରେ ଛାଡି ଯାଇଛନ୍ତି ।

**ନମାଜ ଯନାଜାଃ ଗାଏବ୍**

(୧)ମୋକରମ୍ ନଇମ୍ ଅହେମଦ୍ ନାସିର୍ ସାହେବ୍ (ଫଜ୍‌ଲେ ଉମର୍ ଡାକ୍ତରଖାନାର ହେଡ୍ କ୍ଲର୍କ, ରବୁଓ୍ୱା) । ୧୭ ଅଗଷ୍ଟ ୨୦୧୮ ଦିନ କିଛି ସମୟ ପାଇଁ ଅସୁସ୍ଥ ଅନୁଭବ କରିବା ପରେ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ଯୁବକ ସମୟରୁ ଅତ୍ୟନ୍ତ ପୁଣ୍ୟବନ୍ତ, ମୁତ୍‌ତକି (ନିଷ୍ଠାବାନ), ମାଲି କୁର୍ବାନୀରେ ଅହରହ ଜଡିତ, ଗରୀବଙ୍କ ପାଇଁ ସହାନୁଭୁତିଶୀଳ, ସୋମ୍ ଓ୍ୱ ସଲାତ୍ (ନମାଜ ଓ ରୋଜା)ରେ ନିୟମିତ ଓ ବହୁତ ନିଷ୍ଠାବାନ ବ୍ୟକ୍ତି ଥିଲେ । ଓ୍ୱାକିଫେ ଜିନ୍ଦେଗୀ ତ ନଥିଲେ । ଏହା ସତ୍ୱେ ମଧ୍ୟ ସାରା ଜୀବନ ଦୀନ୍ କାମ ପାଇଁ ଓ୍ୱକ୍‌ଫ୍ (ଉତ୍ସର୍ଗ) କରି ରଖିଥିଲେ । ନିଜ କାମକୁ ବହୁତ ପରିଶ୍ରମ, ନିଷ୍ଠା, ଇମାନ୍‌ଦାରୀ ଓ ସମୟ ଅନୁସାରେ କରୁଥିଲେ । ଦୂର୍‌ରେ ସମୀନ୍, କଲାମ୍ ମେହ୍‌ମୁଦ୍‌ର ପଦ ଗୁଡିକ ଅଧିକାଂଶ ସମୟ ଗୁଣୁଗୁଣଉ ଥିଲେ । ଖିଲାଫତ୍ ସହିତ ବହୁତ ପ୍ରେମ ଓ ଭକ୍ତିର ସମ୍ପର୍କ ରଖିଥିଲେ । ମରହୁମ୍ ମୁସି ଥିଲେ ।

(୨) ମୋକରମ୍ ନସିମ୍ ଅଖ୍‌ତର୍ ସାହିବା (ଅର୍ଦ୍ଧାଙ୍ଗିନୀ ମୋକରମ୍ ଅହେମଦ୍ ଦୀନ୍ ମରହୁମ୍ କାର୍‌କୁନ୍ ଓ୍ୱକାଲତେ ମାଲ୍ ଅଓ୍ୱଲ୍ ତହ୍‌ରିକେ ଯଦିଦ୍) । କିଛି ଦିନ ବେମାର ରହିବା ପରେ ୨୪ ଅଗଷ୍ଟ ଦିନ ଜର୍ମାନୀରେ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ମରହୁମା ମୁସିୟା ଥିଲେ । ଅଲ୍ଲାଃତାଲା ତାଙ୍କୁ ହଜ୍‌ରତ୍ ଅମାଜାନ୍ ଉମ୍ମୁଲ୍ ମୁମିନୀନ୍ ର:ଅଙ୍କ ଖିଦ୍‌ମତ୍ (ସେବା) କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଥିଲେ । ମୃତ୍ୟୁ ସମୟରେ ମରହୁମାଙ୍କ ବୟସ ୮୫ ହୋଇଥିଲା । ସେ ତାଙ୍କ ସନ୍ତାନମାନଙ୍କ ଭିତରେ ଚାରିଜଣ ପୁଅ ଓ ତିନିଜଣ ଝିଅ ସ୍ମୃତିରୂପେ ଛାଡି ଯାଇଛନ୍ତି । ସମସ୍ତ ପୁଅମାନେ ଜର୍ମାନୀର ବିଭିନ୍ନ ଜମାତ୍‌ରେ ସିଲ୍‌ସିଲାର ଖିଦ୍‌ମତ୍ କରିବା ପାଇଁ ସୌଭାଗ୍ୟ ପାଉଛନ୍ତି । ମରହୁମାଙ୍କର ପୁତ୍ର ମୋକରମ୍ ମୁନିରୁଦ୍ଦିନ୍ ତାରିକ୍ ସାହେବ୍ ହେଉଛନ୍ତି Gross Gerau ର ସଦର୍ ହଲ୍‌କା ।

(୩) ମୋକରମ୍ ଶେଖ୍ ଇମ୍‌ତିଆଜ୍ ଅହେମଦ୍ ଇକ୍‌ବାଲ୍ ସାହେବ୍ ୧୧ ଅଗଷ୍ଟ ଦିନ ଗୋଟିଏ ପିକ୍‌ନିକ୍ ମୌକାରେ ନଇ ଭିତରେ ଗାଧୋଇଥିବା ସମୟରେ ଆଉଜଣକୁ ବଂଚାଇବା ପାଇଁ ଯାଇ ନିଜେ ବୁଡି ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ମୃତ୍ୟୁବେଳକୁ ତାଙ୍କର ବୟସ ୩୯ ହୋଇଥିଲା । ମରହୁମ୍ ଉଚ୍ଚ ଶିକ୍ଷିତ ଓ ଅତ୍ୟନ୍ତ ବୁଦ୍ଧିମାନ୍ ବ୍ୟକ୍ତି ଥିଲେ । ନିଜର ଉତମ ଚରିତ୍ର ଯୋଗୁ ସେ ସମସ୍ତଙ୍କର ପ୍ରିୟ ହୋଇପାରିଥିଲେ । ଅନ୍ୟମାନଙ୍କର ସେବା କରିବା ପାଇଁ ନିଜ ଭିତରେ ଭୀଷଣ ଉତ୍ସାହ ରଖୁଥିଲେ । ମରହୁମ୍ ନିଜ ଅନ୍ତେ ତାଙ୍କ ମା', ଦୁଇଜଣ ଭାଇ, ଜଣେ ଭଉଣୀ, ସ୍ତ୍ରୀ ଏବଂ ତିନିଜଣ ଛୋଟଛୋଟ ପିଲା ସ୍ମୃତି ସନ୍ତକ ଛାଡିଯାଇଛନ୍ତି । ମରହୁମ୍‌ଙ୍କ ଚାଚା ପୁଅ ଭାଇ ମୋକରମ୍ ଅତ୍‌ହର୍ ସୁହେଲ୍ ସାହେବ୍ ହେଉଛନ୍ତି ଜର୍ମାନୀର ମୁରବୀ ସିଲ୍‌ସିଲା ।

(୪) ମୋକରମ୍ ତାହେର୍ ମଜିଦ୍ ରାଣା ସାହେବ୍ । ୪ ଏପ୍ରିଲ ୨୦୧୮ ଦିନ ଗୋଡ୍‌ସଲ୍ ଡାର୍ଫ୍ (ଜର୍ମାନୀ)ରେ ୪୫ ବର୍ଷ ବୟସରେ ହୃଦ୍‌ଘାତ ଯୋଗୁ ତାଙ୍କର ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ମରହୁମ୍ ଅତ୍ୟନ୍ତ ନିଷ୍ଠାବାନ୍ ଓ ଖିଲାଫତ୍ ସହିତ ପ୍ରେମପୁର୍ଣ୍ଣ ସମ୍ପର୍କ ରଖୁଥିଲେ । ସେ ସିଲ୍‌ସିଲାର କାମଗୁଡିକରେ ବହୁତ ବଢ଼ିଚଢ଼ିକରି ଭାଗ ନେଉଥିଲେ । ବିଶେଷତଃ ସ୍ଥାନୀୟ ରୂପେ ଜଲ୍‌ସାସାଲାନା ଅବସରରେ ଜିଆଫତ୍ ବିଭାଗରେ ଖିଦ୍‌ମତ୍ କରୁଥିଲେ । ମରହୁମ୍ ନିଜ ବାପାଙ୍କ ବ୍ୟତୀତ ସ୍ତ୍ରୀ ଏବଂ ତିନିଜଣ ପିଲା ସ୍ମୃତି ଛାଡି ଯାଇଛନ୍ତି । ମରହୁମ୍‌ଙ୍କ ଶାଳକ ହେଉଛନ୍ତି ମୋକରମ୍ ଡାକ୍ତର ଫାଖିର୍ ଅଜିଜ୍ ରାଣା ସାହେବ୍ ଅଫ୍ କାସିଲ୍ ।

(୫) ମୋକରମ୍ ମୁହମ୍ମଦ୍ ରିୟାଜ୍ ଭଟି ସାହେବ୍ ୨୧ ଜୁଲାଇକୁ ୬୨ବର୍ଷ ବୟସରେ ଜର୍ମାନୀରେ ଦେହତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ମରହୁମ୍ ପାଖାପାଖି ୪୦ ବର୍ଷ ହେବ ଜର୍ମାନୀରେ ବସବାସ କରୁଥିଲେ । ସ୍ତ୍ରୀଙ୍କ ବ୍ୟତୀତ ତିନୋଟି ପୁଅ, ଚାରଟି ଝିଅ ଛାଡି ଯାଇଛନ୍ତି । ମରହୁମ୍‌ଙ୍କ ପୁତ୍ର ହେଉଛନ୍ତି ମୋକରମ୍ ଆଫାକ୍ ଭଟି ସାହେବ୍ ଅଫ୍ Weinstadt ।

(୬) ଅଜିଜମ୍ ଓ୍ୱଲିଦ୍ ଅହେମଦ୍ ସୁପୁତ୍ର ମୋକରମ୍ ଇଫ୍‌ତେଖାର୍ ଅଲୀ ସାହେବ୍ (ମାଲେସିୟା) । ୭ ଅଗଷ୍ଟ ୨୦୧୮କୁ ସ୍କୁଲ୍‌ରୁ ଫେରୁଥିବା ସମୟରେ ଘରେ ପଡିଥିବା ଏସିଡ୍‌କୁ ଭୁଲ୍‌ରେ ପାଣି ଭାବି ପିଇଦେବା ଯୋଗୁଁ ୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ସେ ଅତ୍ୟନ୍ତ ସୁନ୍ଦର, ଆକ୍ଟିଭ୍ ଓ ବୁଦ୍ଧିମାନ୍ ପିଲା ଥିଲା । ପାକିସ୍ତାନ୍ ଏବଂ ମାଲେସିୟାର ଶିକ୍ଷକମାନେ ତାଙ୍କ ପଢ଼ା ବିଷୟ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ବନ୍ଧରେ ବହୁତ ପ୍ରଶଂସା କରୁଥିଲେ । ପ୍ରତିଯୋଗିତା ଓ ଜମାତ୍‌ର କାର୍ଯ୍ୟଗୁଡିକରେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ଭାଗ ନେଉଥିଲେ ଓ ଅଧିକାଂଶ ସମୟ ପୋଜିସନ୍ ହାସଲ କରୁଥିଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ଜୋହର୍ ଏବଂ ଅସର ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ତୃତୀୟ ପ୍ରହରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ପ୍ରକାର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଠିକ୍ ୬ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପହଂଚିଲେ ତତ୍ ସହିତ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହୋଇଗଲା । ଆଜି ସନ୍ଧ୍ୟାର ଏହି ସେସନ୍‌ରେ ୪୯ଟି ଫ୍ୟାମିଲିର ୧୮୭ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହି ସବୁ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ

କଲେ । ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ। ଓ ଛୋଟଛୋଟ ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ଆଜି ସନ୍ଧ୍ୟାର ଏହି ପ୍ରୋଗ୍ରାମ୍‌ରେ ସାକ୍ଷାତ୍ କରିବାକୁ ଆସିଥିବା ଫ୍ୟାମିଲି ଗୁଡିକ ଜର୍ମାନୀର ୪୨ଟି ବିଭିନ୍ନ ଜମାତ୍ ଓ ଇଲାକାରୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ବହୁତ ବଡ ସଂଖ୍ୟା ସେହି ଲୋକମାନଙ୍କର ଥିଲା ଯେଉଁମାନେ ନିଜ ଜୀବଦଶାରେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ପ୍ରଥମଥର ପାଇଁ ସାକ୍ଷାତ୍ କରିବାର ସୌଭାଗ୍ୟ ପାଉଥିଲେ । ପ୍ରତ୍ୟେକ ବ୍ୟକ୍ତି ଖୁସି, ଆନନ୍ଦ ଓ ଉତ୍ସାହର ଭାବନାରେ ପରିପୁର୍ଣ୍ଣ ଥିଲା ।

କରାଚିରୁ ଆସିଥିବା ଜଣେ ବନ୍ଧୁ କହିବାକୁ ଲାଗିଲେ କି ମୁଁ କିଛି କହିବା ପାଇଁ ଶକ୍ତି ପାଉନାହିଁ । କେବଳ ଏତିକି କହିପାରିବି ଯେ ଆଜି ଆମ ଜୀବନର ଉଦ୍ଦେଶ୍ୟ ପୁରଣ ହୋଇଗଲା ।

ଜିଲା ସିଆଲ୍‌କୋଟ୍‌ରୁ ଆସିଥିବା ଜଣେ ବନ୍ଧୁ ନିଜ ଭାବନାକୁ ପରିପ୍ରକାଶ କରି କହିଲେ କି ଯାହାକିଛି ଦେଖିଲି ତାହା ବର୍ଣ୍ଣନା କରିପାରୁନାହିଁ । ମୋତେ ତ ଏପରି ଲାଗୁଥିଲା ଯେ ଫରିସ୍ତାଙ୍କର ଗୋଟିଏ ସେନା ହଜୁରଙ୍କ ପଛରେ ଛିଡା ହୋଇଥିଲା । ଏହା ଆମ ଜୀବନର ଏକ ସ୍ୱପ୍ନ ଥିଲା ଯାହା ଆଜି ପୁରଣ ହୋଇଗଲା । ଫୈସଲାବାଦ୍‌ରୁ ଆସିଥିବା ଜଣେ ବନ୍ଧୁ, ଯିଏ ଏଠାରେ ଆସି ଅନୁୱରାବାଦ୍‌ରେ ବସବାସ କରୁଛନ୍ତି ଏବଂ ପ୍ରଥମଥର ପାଇଁ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରୁଥିଲେ, ସେ କହିଲେ ଯେ ସାକ୍ଷାତ୍‌କାର୍ କରି ମନକୁ ବହୁତ ସନ୍ତୋଷ ଲାଭ ହେଲା ଯାହାକୁ ବର୍ଣ୍ଣନା କରାଯାଇନପାରେ । ଆମ ଜୀବନର ଏକ ଇଚ୍ଛା ଥିଲା ଯାହା ଆଜି ପୂରଣ ହୋଇଗଲା ।

ସିଆଲ୍‌କୋଟ୍‌ରୁ ଆସିଥିବା ଗୋଟିଏ ଫ୍ୟାମିଲି, ଯିଏ ନିଜ ଜୀବନରେ ପ୍ରଥମଥର ପାଇଁ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଥିଲା, କହିବାକୁ ଲାଗିଲେ କି ଆମକୁ ତ ଏହା ଏକ ସ୍ୱପ୍ନ ପରି ଲାଗୁଥିଲା । ବିଶ୍ୱାସ ହେଉନଥିଲା । ଯେତେବେଳେ ଆମେ ସାକ୍ଷାତ୍ କରିବା ପାଇଁ ନିଜର ପାଳିକୁ ଅପେକ୍ଷା କରି ରହିଥିଲୁ ସେ ସମୟରେ ମଧ୍ୟ ବିଶ୍ୱାସ ହେଉନଥିଲା ଯେ ହଜୁର୍ ଏହି ଦଫ୍‌ତର୍‌ରେ ଆମର ଏତେ ନିକଟରେ ଅଛନ୍ତି ବୋଲି । ପୁଣି ଆମେ କିଛି ସମୟ ପରେ ହଜୁର୍‌ଙ୍କ ସମ୍ମୁଖରେ ଯାଇ ପହଂଚିଲୁ । ପୁଣି ଆମକୁ ଏତେ ସ୍ନେହ ମିଳିଲା କି ତାହା ଆମେ ବର୍ଣ୍ଣନା କରିପାରୁନାହିଁ ।

ସାକ୍ଷାତ୍ କରି ବାହାରକୁ ଆସୁଥିବା ପ୍ରତ୍ୟେକ ଫ୍ୟାମିଲିଙ୍କ ନିଜ ନିଜର ମନୋଭବ ଥିଲା । କେତେକଙ୍କ ଆଖିରୁ ଅଶ୍ରୁ ବହୁଥିଲା ଓ କେତେକ ଏ କଥା ପ୍ରକାଶ କରୁଥିଲେ ଯେ ପାକିସ୍ତାନ୍‌ରେ ତ ଆମେ ହଜୁର୍ ଅନୁୱର୍‌ଙ୍କୁ ଟି.ଭି ଦ୍ୱାରା ଦେଖୁଅଛୁ । ଆଜି ନିଜ ଜୀବନରେ ପ୍ରଥମଥର ପାଇଁ ନିଜ ସମ୍ମୁଖରେ ଏତେ ନିକଟରେ ଦେଖିବାକୁ ପାଇଲୁ ଓ ଆମେ କେତେ ସୌଭାଗ୍ୟବାନ୍ ଯେ ଆମେ ହଜୁର୍ ଅନୁୱର୍‌ଙ୍କୁ ଦେଖିନେଲୁ ଓ କିଛି କ୍ଷଣ ହଜୁର୍ ଅନୁୱର୍‌ଙ୍କ ସାନିଧ୍ୟ ପାଇଲୁ । ପ୍ରତ୍ୟେକଙ୍କର ଏହି ମନୋଭାବ ଥିଲା ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାବର୍ତ୍ତନ କଲେ ।

### ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

୮:୨୦ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ହଲ୍‌ରେ ପଦାର୍ପଣ କଲେ, ଯେଉଁଠି ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର୍ ଅନୁୱର୍ ଅ:ବ:ଅ ନିମ୍ନଲିଖିତ ୨୭ଜଣ ପୁଅଝିଅଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ସେଥିରେ ଦୁଆ କରାଇଲେ ।

ଅଜିଜମ୍ ମଶ୍‌ହୁଦ୍ ଅହେମଦ୍ ନୌଫିଲ, ସର୍‌ମଦ୍ ଅହେମଦ୍, ସବିହ ଅହେମଦ୍, ଅଜିଜ୍ ବଟ୍, ମୁନିଫ୍ ନୋମାନ୍, ଆକିଫ୍ ଅହେମଦ୍, ସମର୍ ଯାରଶ୍ ଅହେମଦ୍, ଅତ୍‌ହର୍ ମେହ୍‌ମୁଦ୍, ଜାଜିବ୍ ଅହେମଦ୍ ଖାନ୍, ହମ୍ମାଦ୍ ଅହେମଦ୍, ଆସିର୍ ଅହେମଦ୍, ଆରୁନ ଅଜିଜ୍ ଚିମା, ନଫିସ୍ ଅହେମଦ୍, କଜିମ୍ ଅହେମଦ ଚିମା, ସାହିଲ୍ ଅତହର୍, ଅତହର୍ ଅହେମଦ୍ ତାହିର୍, ଜିଶାନ୍ ଅହେମଦ୍ ସୁଲେମାନ୍, ନୁରୁଦ୍ଦିନ ଜିୟା ଏବଂ ଅବ୍‌ଦୁର୍ ରୟାନ ମଲକ୍ ।

ଅଜିଜା ଫିଜା ତାରିକ୍, ତାଶିଫା ଶାହିଦ୍ ଅହେମଦ୍, ଅବିହା ଅହେମଦ୍, ଅଲିଶା ଅଏମନ୍ ଅହେମଦ୍, କାଶ୍‌ଫା ଅର୍ ସଲାନ୍, ସବିକା ସୁଲ୍‌ତାନ୍, ବରିରା ନାସିର୍, ସୋହା ଏହ୍‌ସାନ୍ । ଗୋଟିଏ ପିଲା ଠାରୁ ଠିକ୍ ରୂପେ ପଢ଼ାଯାଇ ପାରିଲା ନାହିଁ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ ଇନ୍ତେଜାମିଆକୁ ହିଦାୟତ୍ ଦେଇ କହିଲେ କି ପିଲାଙ୍କ ଠାରୁ ପ୍ରଥମେ ଶୁଣିନିଅନ୍ତୁ । ତକ୍‌ରିବେ ଆମିନ୍ ପରେ ହଜୁର୍ ଅନୁୱର୍ ଅ:ବ:ଅ ନମାଜ ମଗ୍‌ରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

### ୪ ଡିସେମ୍ବର୍ ୨୦୧୮ (ମଙ୍ଗଳବାର)

ହଜୁର୍ ଅନୁୱର୍ ଅ:ବ:ଅ ଭୋର୍ ୫:୪୦ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ହଜୁର୍ ଅନୁୱର୍ ଦଫ୍‌ତରି ଡାକ, ଚିଠିପତ୍ର ଏବଂ ରିପୋର୍ଟ୍‌ସ୍ ଗୁଡିକୁ ତଦାରଖ କଲେ । ପୃଥିବୀର ବିଭିନ୍ନ ଜମାତ୍ ଗୁଡିକରୁ ପ୍ରତ୍ୟହ ଫ୍ୟାକ୍‌ସ୍ ଓ ଇ-ମେଲ୍ ଜରିଆରେ ଚିଠିପତ୍ର ଓ ରିପୋର୍ଟ୍ ଆସିଥାଏ । ଏତଦ୍‌ବ୍ୟତୀତ ଜର୍ମାନୀର ଜମାତ୍ ଗୁଡିକରୁ ମଧ୍ୟ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଚିଠି ମିଳିଥାଏ । ଯେଉଁ ଚିଠି ଗୁଡିକ ଜର୍ମାନ୍ ଭାଷାରେ ଥାଏ ସେଗୁଡିକର ଅନୁବାଦ ହଜୁର୍‌ଙ୍କ ନିକଟରେ ଉପସ୍ଥାପନ କରାଯାଏ । ହଜୁର୍ ଅନୁୱର୍ ସେ ସମସ୍ତ ଚିଠିପତ୍ର ଓ ରିପୋର୍ଟ୍‌ସ୍ ଗୁଡିକୁ ଦେଖନ୍ତି ଓ ପୁଣି ସେଥିରେ ହିଦାୟତ୍ ପ୍ରଦାନ କରନ୍ତି ।

### ମହିଳାମାନଙ୍କ ସହିତ ଇଜ୍‌ତିମାଇ (ସାମୁହିକ) ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ୧୧:୩୦ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ରେ ଥିବା ଲଜ୍‌ନା ହଲ୍‌ରେ ପଦାର୍ପଣ କଲେ, ଯେଉଁଠି ପାକିସ୍ତାନ୍ ଏବଂ କିଛି ଅନ୍ୟାନ୍ୟ ଦେଶଗୁଡିକରୁ ହିଜ୍‌ରତ୍ କରି ଆସିଥିବା ମହିଳାମାନେ ଇଜ୍‌ତିମାଇ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ମହିଳାମାନଙ୍କ ମଧ୍ୟରୁ ଗୋଟିଏ ବହୁତ ବଡ ସଂଖ୍ୟା ପାକିସ୍ତାନ୍ ଦେଶ ସହିତ ସମ୍ବନ୍ଧିତ ଥିଲା । ଏତଦ୍‌ବ୍ୟତୀତ କଲମ୍ବିଆ, ଅଷ୍ଟ୍ରିୟା ଓ ଫ୍ରାନ୍‌ସ୍‌ରୁ ଆସିଥିବା ମହିଳାମାନେ ମଧ୍ୟ ସାମିଲ୍ ଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ପଚାରି ବୁଝିଲେ କି ଏମାନଙ୍କ ସଂଖ୍ୟା କେତେ । ଏଥିରେ ସଦର୍ ସାହିବା ଲଜ୍‌ନା ଇମାଇଲା କହିଲେ ଯେ ୬୫ଜଣ ସଦସ୍ୟା ଉପସ୍ଥିତ ଅଛନ୍ତି । ହଜୁର୍ ଅନୁୱର୍ ଅ:ବ:ଅ ପ୍ରଶ୍ନ ପଚାରିବା ପାଇଁ ଅନୁମତି ପ୍ରଦାନ କଲେ ।

ପାକିସ୍ତାନ୍‌ରୁ ଆସିଥିବା ମହିଳା ନିଜର ପରିସ୍ଥିତି ବିଷୟରେ ବର୍ଣ୍ଣନା କଲେ । ହଜୁର୍ ଅନୁୱର୍ ଅ:ବ:ଅ ପ୍ରତ୍ୟେକ ସଦସ୍ୟାଙ୍କ ଠାରୁ ଜଣ ଜଣ କରି ପଚାରି ବୁଝିଲେ ଯେ ସେମାନଙ୍କ ସ୍ୱାମୀ ଓ ପିଲାମାନେ ପଛରେ ଅଛନ୍ତି । ପିଲାମାନଙ୍କୁ ଓ ସ୍ୱାମୀମାନଙ୍କୁ କାହିଁକି ପଛରେ ଛାଡି ଦେଇଛ ?

ଆଉଜଣେ ମହିଳା କହିଲେ କି ତାଙ୍କ ସ୍ୱାମୀ ଓ ପିଲାମାନେ ବର୍ତମାନ ପାକିସ୍ତାନ୍‌ରେ ଅଛନ୍ତି । ଏଠି ଜର୍ମାନୀରେ ମା'ବାପା ରହୁଛନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମା'ବାପାଙ୍କର ପ୍ରେମ ପିଲାମାନଙ୍କର ପ୍ରେମ ଉପରେ ବିଜୟ ଲାଭ କରିଛି ।

କିଛି ମହିଳାମାନେ ନିଜ ନିଜର ସମସ୍ୟା ଏବଂ ଅସୁବିଧା ବିଷୟରେ ଚର୍ଚ୍ଚା କଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏ ବିଷୟରେ ପୂର୍ବରୁ ଭାବିଚିନ୍ତି ଆସିବାର ଥିଲା ।

ଶିକ୍ଷା ହାସଲ କରୁଥିବା ଝିଅପିଲାମାନେ ହଜୁର୍ ଅନୁୱର୍‌ଙ୍କ ନିକଟରେ ଦୁଆ କରିବା ପାଇଁ ନିବେଦନ କଲେ । ହଜୁର୍ ଅନୁୱର୍ ସେହି ଝିଅମାନଙ୍କୁ ପଚାରିଲେ କି ତୁମର ବିବାହ ହୋଇଗଲାଣି କି ନାହିଁ ? ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ମୁଁ ଦୁଆ କରୁଛି କି ଯେଉଁମାନଙ୍କ ବିବାହ ହୋଇନାହିଁ ସେମାନଙ୍କର ବିବାହ ହୋଇଯାଉ ।

ହଜୁର୍ ଅନୁୱର୍ ଅ:ବ:ଅ ସମସ୍ତ ସଦସ୍ୟାମାନଙ୍କ ଠାରୁ ପଚାରି ବୁଝିଲେ କି କଣ ସେମାନଙ୍କର ସ୍ଥାନୀୟ ଲଜ୍‌ନାଙ୍କ ସହିତ ସମ୍ପର୍କ ରହିଛି ? ହଜୁର୍ ଅନୁୱର୍ ଅ:ବ:ଅ ସଦର ସାହିବା ଲଜ୍‌ନା ଇମାଇଲା ଜର୍ମାନୀକୁ ହିଦାୟତ ଦେଲେ କି ଏପରି ସଦସ୍ୟାମାନଙ୍କ ନିକଟକୁ ସ୍ଥାନୀୟ ଲଜ୍‌ନାମାନେ ପ୍ରତ୍ୟେକ ସପ୍ତାହରେ ଯିବା ଉଚିତ୍ ଓ ଯାଇ ଦେଖିବା ଉଚିତ୍ କି ସେମାନେ କିପରି ରହୁଛନ୍ତି । ଅହେମଦୀୟତ୍ ଉପରେ କାଏମ୍ ଅଛନ୍ତି କି ନାହିଁ ।

ଜଣେ ବୟସ୍କା ପାକିସ୍ତାନୀ ମହିଳା, ଯିଏ ନିଜ ପୁଅ ପାଖରେ ରହୁଛନ୍ତି, ସେ ପଞ୍ଜାବୀ ଭାଷାରେ କଥା ହେଲେ ଏବଂ ହଜୁର୍ ଅନୁୱର୍‌ଙ୍କ ନିକଟରେ ଦୁଆ କରିବା ପାଇଁ ନିବେଦନ କଲେ କି ତାଙ୍କ ଭାଇ ପାକିସ୍ତାନ୍‌ରେ ରହୁଛନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ ପଞ୍ଜାବୀ ଭାଷାରେ ଉତର ଦେଲେ ''ଠିକ୍ ଅଛି, ଏଠି ମଧ୍ୟ ପୁଅ ଅଛନ୍ତି ନା, ପୁଅ ପାଖରେ ରୁହ'' ।

କଲମ୍ବୀୟ ନଜାଦ୍‌ର ନୌମୁବାଇନ୍ ମହିଳାଜଣକ ବତାଇଲେ କି ସେ ଚାରିବର୍ଷ ହେବ ଜର୍ମାନୀରେ ରହୁଛନ୍ତି ଓ ସେ ଜାନୁଆରୀ ୨୦୧୮ ମସିହାରେ ବୟତ୍ କରିଛନ୍ତି ଓ ସେ ଏଠାରେ ଏକେଲା ରହୁଛନ୍ତି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ବୟତ୍ କରିବା ପରେ ଆମକୁ ନିଜ ଭିତରେ ପରିବର୍ତ୍ତନ ଆଣିବା ଉଚିତ୍ ଓ ଆଗକୁ ମଧ୍ୟ ବତାଇବା ଉଚିତ୍ । ଏଥିରେ ସେ କହିଲେ ମୁଁ ମୋ ଫ୍ୟାମିଲିକୁ କିପରି ବତାଇପାରିବି ? ଏହାଶୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଯେତିକି ବତାଇପାରିବ ବତାଇଚାଲ ।

ଆଉଜଣେ ମହିଳା ଯାହାଙ୍କୁ ଡାକ୍ତରମାନେ କହିଛନ୍ତି କି ତାଙ୍କ ଗର୍ଭାଶୟରେ କ୍ୟାନ୍‌ସର୍ ହୋଇଯାଇଛି ବୋଲି । ସେ ଦୁଆ କରିବା ପାଇଁ ହଜୁର୍ ଅନୁୱର୍‌ଙ୍କ ଗୋଚରେ ନିବେଦନ ଜଣାଇଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ସେ କ୍ୟାମୋଥେରାପି କରିବା ପରେ ସଛି ବୁଟି ବ୍ୟବହାର କରନ୍ତୁ ।

ସାକ୍ଷାତ୍‌କାର୍‌ର ଶେଷରେ ହଜୁର୍ ଅନୁୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଛୋଟ ଛୋଟ ଝିଅପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ଏଥିରେ କିଛି ମହିଳା ହୁଜର୍ ଅନୁୱର୍‌ଙ୍କ ନିକଟରୁ ତବରୁକ୍ ପାଇବା ପାଇଁ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ ସଦର୍ ସାହିବା ଲଜ୍‌ନା ଇମାଇଲ୍ଲାଃଙ୍କୁ ଚକୋଲେଟ୍ ଦେଇ କହିଲେ କି ଏ ସବୁ ଗୁଡିକୁ ସେ ସମସ୍ତଙ୍କୁ ବାଂଟି ଦିଅନ୍ତୁ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରମ୍ ଦିନ ୧୨ଟା ସମୟରେ ସମାପ୍ତ ହେଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଚାଲିଗଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା ।

### ଫ୍ୟାମିଲି ସାକ୍ଷାତ୍‌କାର୍

ଆଜି ସକାଳର ଏହି ଶେସନ୍‌ରେ ୪୦ଟି ଫ୍ୟାମିଲିରୁ ୧୪୭ଜଣ ସଦସ୍ୟ ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍‌କାର୍ କରିବାକୁ ଆସିଥିବା ଫ୍ୟାମିଲି ଗୁଡିକ ଜର୍ମାନୀର ଭିନ୍ନ ଭିନ୍ନ ୩୪ଟି ଜମାତ୍ ଓ ଇଲାକାରୁ ଆସିଥିଲେ । ଏତଦ୍‌ବ୍ୟତୀତ ପାକିସ୍ତାନ୍‌ରୁ ଆସିଥିବା ଗୋଟିଏ ଫ୍ୟାମିଲି ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲା । କିଛି ସଦସ୍ୟ ଓ କିଛି ଫ୍ୟାମିଲି ୪୦୦ ରୁ ୫୦୦ କି.ମି ଲମ୍ବା ରାସ୍ତା ଯାତ୍ରା କରି ଆସି ଏଠାରେ ପହଂଚିଥିଲେ । ଏହି ସମସ୍ତ ଫ୍ୟାମିଲି ଗୁଡିକ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟଛୋଟ ପୁଅ ଝିଅମାନଙ୍କୁ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ ।

କେତେ ସୌଭାଗ୍ୟବାନ୍ ହେଉଛନ୍ତି ସେହି ଫ୍ୟାମିଲି ଓ ପୁଅଝିଅମାନେ ଯେଉଁମାନେ ନିଜ ପ୍ରିୟ ଆକାଙ୍କ ସହିତ କିଛି କ୍ଷଣ ବିତାଇଲେ ଓ ପୁଣି ହଜୁର୍ ଅନୁୱର୍ ଅ:ବ:ଅଙ୍କ ପବିତ୍ର ହସ୍ତରୁ ଉପହାର ହାସଲ କଲେ, ଯାହା ସାରା ଜୀବନ ପାଇଁ ଏକ ସ୍ମୃତି ହୋଇ ରହିବ । କିଛି ଝିଅମାନେ ଚକୋଲେଟ୍ ବ୍ୟବହାର କରିବା ପରେ ତା କଭରକୁ ମଧ୍ୟ ସମ୍ଭାଳି କରି ରଖିଛନ୍ତି ଓ ବଡ ବଡ ପୁଅମାନେ ଓ ଛାତ୍ରମାନେ ନିଜର କଲମକୁ ସମ୍ଭାଳି ରଖିଛନ୍ତି କି ଏହା ତାଙ୍କ ଜୀବନର ଏକ ସ୍ମୃତିପୁର୍ଣ୍ଣ ଉପହାର ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଦିନ ୨ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍

ଅନୁଓ୍ୱର୍ ଅ:ବ:ଅ ପଦାର୍ପଣ କରି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଉପରବେଳା ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ଲିପ୍ତ ରହିଲେ ।

### ଫ୍ୟାମିଲି ସାକ୍ଷାତ୍‌କାର

ପ୍ରୋଗ୍ରାମ୍ ମୁତାବକ ଠିକ୍ ସନ୍ଧ୍ୟା ୬ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଓ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ପ୍ରୋଗ୍ରାମ୍‌ରେ ୫୦ଟି ଫ୍ୟାମିଲିର ୧୭୩ଜଣ ସଦସ୍ୟ ସାକ୍ଷାତ୍ କରିବା ସୌଭାଗ୍ୟ ପାଇଲେ । ସାକ୍ଷାତ୍ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡିକ ଜର୍ମାନୀର ଭିନ ଭିନ୍ନ ୩୯ଟି ଜମାତ୍‌ରୁ ଆସି ବଇତୁସ୍ ସବୁହ୍ ଠାରେ ପହଂଚିଥିଲେ । କିଛି ଲୋକେ ଓ କିଛି ଫ୍ୟାମିଲି ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ସାକ୍ଷାତ୍ କରିବାର ସୈଭାଗ୍ୟ ହାସଲ କରିବା ପାଇଁ ଏଠାରେ ପହଂଚିଥିଲେ । Bielefeld, Bocholt and Ahaus ଜମାତ୍ ଗୁଡିକରୁ ଆସିଥିବା ଫ୍ୟାମିଲି ଗୁଡିକ ୩୦୦କି.ମି ଏବଂ Chemnitz ଜମାତ୍‌ରୁ ଆସିଥିବା ଫ୍ୟାମିଲି ଗୁଡିକ ୪୦୦କି.ମି. ଦୂରତା ଅତିକ୍ରମ କରି ସାକ୍ଷାତ୍ କରିବା ନିମନ୍ତେ ଏଠାରେ ପହଂଚିଥିଲେ

ଜର୍ମାନୀର ଜମାତ୍ ଗୁଡିକରୁ ଆସିଥିବା ଫ୍ୟାମିଲି ଗୁଡିକ ବ୍ୟତୀତ ବୁର୍କିନାଫାସୋ, ଘାନା, ବେନିନ୍, କାନାଡା ଏବଂ ଅଷ୍ଟ୍ରିୟାରୁ ଆସିଥିବା ସଦସ୍ୟ ଓ ଫ୍ୟାମିଲି ଗୁଡିକ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍ କିରବାକୁ ଆସିଥିବା ଏହି ସଦସ୍ୟ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୈଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ କୁନି କୁନି ପୁଅଝିଅମାନଙ୍କୁ ବହୁତ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ । ଆଜି ମଧ୍ୟ ସାକ୍ଷାତ୍ କିରବାକୁ ଆସିଥିବା ଫ୍ୟାମିଲି ଗୁଡିକ ମଧ୍ୟରୁ ଅନେକ ଫ୍ୟାମିଲି ଏପରି ଥିଲା ଯେଉଁମାନେ ନିଜ ଜୀବଦଶାରେ ପ୍ରଥମଥର ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୈଭାଗ୍ୟ ପ୍ରାପ୍ତ କରୁଥିଲେ ।

ଜଣେ ବନ୍ଧୁ ରିଜୁଆନ୍ ଅମେହଦ୍ ସାହେବ୍ ଓ ତାଙ୍କ ଫ୍ୟାମିଲି ବର୍ଣ୍ଣନା କରୁଛନ୍ତି କି ଆମ ଜୀବନରେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହା ପ୍ରଥମ ସାକ୍ଷାତ୍‌କାର୍ ଥିଲା । ଆମେ ପ୍ରଥମେ ହଜୁର୍ ଅନୁଓ୍ୱର୍‌ଙ୍କୁ କେବଳ ଟି.ଭି ମାଧ୍ୟମରେ ଦେଖୁଥିଲୁ କିନ୍ତୁ ଆଜି ଅତ୍ୟନ୍ତ ନିକଟରେ ଦେଖୁଅଛୁ ଏବଂ କଥା ହେଉଅଛୁ । ହଜୁର୍ ଅନୁଓ୍ୱର୍‌ଙ୍କ ଚେହେରାରେ ଏକପ୍ରକାର ଜ୍ୟୋତି ଝଟକୁଥିଲା । ଆଲୋକ ଥିଲା ଯଦ୍ଵାରା କୋଠରୀଟି ପରିପୁର୍ଣ୍ଣ ହୋଇ ରହିଥିଲା । ଆଜି ଆମେ ବହୁତ ସୌଭାଗ୍ୟବାନ୍ କି ନିଜ ଆକାଙ୍କୁ ଦର୍ଶନ କରୁଅଛୁ ।

ଅହେମଦ୍ ଲୁକୁମାନ୍ ସାହେବ୍ ଓ ତାଙ୍କ ଫ୍ୟାମିଲି ଏ ବୟାନ ଦେଲେ କି ଆମେ ଆମ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ବହୁତ ଦୁଆ କରିଛୁ କି ଅଲ୍ଲାଃତାଲା ଆମକୁ ଏ ସୌଭାଗ୍ୟ ପ୍ରଦାନ କରନ୍ତୁ । ଆଜି ଆମ ଦୁଆ କବୁଲ୍ ହେଇଛି ଓ ଆମକୁ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଆମକୁ ଏତେ ଆନନ୍ଦ ଲାଗିଛି କି ଆମେ ତାହା ବର୍ଣ୍ଣନା କରିପାରିବୁ ନାହିଁ । ଖୁଦାତାଲା ସମସ୍ତ ଅହେମଦୀ ମାନଙ୍କୁ ହଜୁର୍ ଅନୁଓ୍ୱରଙ୍କ ସହିତ ସାକ୍ଷାତ୍ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

ଆଉଜଣେ ବନ୍ଧୁ ଘଟି ସାହେବ୍ ବର୍ଣ୍ଣନା କଲେ କି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହା ହେଉଛି ମୋର ଦ୍ଵିତୀୟ ସାକ୍ଷାତ୍‌କାର୍ । ଯେବେ କି ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କର ଏହା ପ୍ରଥମ ସାକ୍ଷାତ୍‌କାର ଥିଲା । ତାଙ୍କ ସ୍ତ୍ରୀ ବତାଇବାକୁ ଲାଗିଲେ କି ଏହା ଆମର ପ୍ରଥମ ସାକ୍ଷାତ୍‌କାର ଥିଲା । ଖୁଦାତାଲା ଆମକୁ ଏ ସୁଯୋଗ ଦେଇଥିବାରୁ ଆମେ ବହୁତ ସୌଭାଗ୍ୟବାନ୍ । ମୁଁ ମୋ ନିଜର ମନୋଭାବକୁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ । ହଜୁର୍ ଅନୁଓ୍ୱର୍‌ଙ୍କ ଜ୍ୟୋତିପୁର୍ଣ୍ଣ ଚେହେରା ଉପରେ ଆମ ଦୃଷ୍ଟି ଲାଗି ରହିପାରୁନଥିଲା । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିବାରେ ଲାଗି ରହୁଥିଲି । ମୋ ଦୃଷ୍ଟିକୁ ତାଙ୍କଠାରୁ ଅଲଗା କରିବା ପାଇଁ ଇଚ୍ଛା ହେଉନଥିଲା । ସୁତରାଂ ଆଜି ଖଲିଫାଏ ଓ୍ୱକ୍ତଙ୍କ ଚେହେରାକୁ ଦେଖି ମୋ ପିଲାମାନେ ଓ ଆମେ ସମସ୍ତେ ବହୁତ ଖୁସି ଅନୁଭବ କରୁଅଛୁ ।

ଆଜି ନିଜ ଜୀବନରେ ପ୍ରଥମଥର ପାଇଁ ସାକ୍ଷାତ୍ କରିଥିବା ଏହି ସମସ୍ତ ଲୋକମାନେ ବହୁତ ଆନନ୍ଦିତ ଥିଲେ କି ତାଙ୍କ ଜୀବନର ଆଜି ଗୋଟିଏ ଏପରି ଦିନ ଥିଲା କି ସେମାନେ ନିଜ ପ୍ରିୟ ଆକାଙ୍କୁ ଅତ୍ୟନ୍ତ ନିକଟରୁ ଦର୍ଶନ କରିବା ପାଇଁ ସୌଭାଗ୍ୟ ମିଳିଛି । ସେମାନେ ନିଜ ପ୍ରିୟ ଆକାଙ୍କ ନିକଟରେ ଯେଉଁ କିଛି କ୍ଷଣ ବିତାଇଲେ ତାହା ସେମାନଙ୍କ ସାରା ଜୀବନର ସମ୍ପତି ଥିଲା । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବର୍‌କତ୍ ଗୁଡିକୁ ନେଇ ବାହାରକୁ ଆସୁଥିଲା ଏବଂ ସେମାନଙ୍କ ଦୁଃଖ କଷ୍ଟ ଏବଂ ଅସୁବିଧା ସବୁ ଶାନ୍ତି ଓ ଆରାମରେ ପରିବର୍ତନ ହୋଇଗଲା ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ କିଛି ସମୟ ପାଇଁ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

ଏହାପରେ ୮:୨୫ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରେ ପଦାର୍ପଣ କଲେ ଏବଂ ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ୨୮ଜଣ ପୁଅ ଓ ଝିଅପିଲାମାନଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ଅଓସାଫ୍ ଅହେମଦ୍, ହମ୍‌ଜା ଅସଦ୍, ଖୁର୍‌ରମ୍ ଅହେମଦ୍, ଅନସ୍ ଅହେମଦ୍ ଘମନ୍, ଅବ୍‌ଦୁଲ୍ ଅହଦ୍ କାହାଲୁଁ, କାମ୍‌ରାନ୍ ଅହେମଦ୍ ଆବିଦ୍, ଆଲିୟାନ୍ ଅହେମଦ୍, ଅମ୍ମାଲ୍ ରାନା, ଅୟାନ୍ ରାନା, ହମ୍‌ଜା ଓ୍ୱର୍କ୍, ଜାୟାନ୍ କାଶିଫ୍ ନଦିମ୍, ଖାଲିଦ୍ ମେହ୍‌ମୁଦ୍, ଓ୍ୱଲିଦ୍ ଅହେମଦ୍, ସଲ୍‌ମାନ୍ ଅହେମଦ୍ ଫାତେହ୍, ମହମ୍ମଦ୍ ତଲ୍‌ହା ଏହ୍‌ସାନ୍, ଫଓଜାନ୍ ଅହେମଦ୍ ଏଜାଜ୍ ଏବଂ ଆୟାନ୍ ଜମାନା ।

ଅଜିଜା ନୌଶା ରହ୍‌ମାନ୍ ଆରାଇଁ, ଇଶାଲ୍ ବୁଶ୍‌ରା ଅହେମଦ୍, ଅଲିନା ମେହ୍‌ମୁଦ୍, ମଲିହା ଶେହ୍‌ଜାଦ୍, ସିଦ୍‌ରା ହଲିମ୍, କାଶ୍‌ଫା ଚୌଧୁରୀ, ଇନାୟା ନୌଇଁ ଓ୍ୱର୍କ୍, ଲଫ୍‌ତା ମିର୍ଜା, ୟୁମ୍‌ନା ସଲିମ୍, ବାସ୍‌ମା ତାରିକ୍ ଏବଂ ଅଲିଜା ମେହ୍‌ମୁଦ୍ ।

ତକ୍‌ରିବେ ଆମିନ୍‌ରେ ଯୋଗ ଦେଇଥିବା ଏହି ପୁଅ ଓ ଝିଅମାନେ ଭିନ୍ନ ଭିନ୍ନ ୨୩ଟି ଜମାତ୍‌ରୁ ଆସିଥିଲେ । କିଛି ତ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଆସି ଏଠାରେ ପହଂଚିଥିଲେ । କେଲ୍ ଜମାତ୍‌ରୁ ଆସିଥିବା ପିଲାମାନେ ୬୬୦କି.ମି ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ପହଂଚିଥିଲେ । ତକ୍‌ରିବେ ଆମିନ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍‌ରିବ ଏବଂ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

------------------

### ୫ ସେପ୍ଟେମ୍ବର୍ ୨୦୧୮ (ବୁଧବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଭୋର୍ ୫:୪୦ରେ ମସ୍‌ଜିଦ୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଓ ରିପୋର୍ଟ୍‌ସ୍ ଇତ୍ୟାଦି ଦେଖିଲେ ଓ ନିଜ ପବିତ୍ର ହସ୍ତ ଦ୍ଵାରା ସେଗୁଡିକରେ ହିଦାୟତ୍ ପ୍ରଦାନ କଲେ । ଏହିପରି ହଜୁର୍ ଅନୁଓ୍ୱର୍ ବିଭିନ୍ନ ଦଫ୍‌ତରି କାର୍ଯ୍ୟକୁ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

### ଇଜ୍‌ତିମାଇ ମୁଲାକାତ୍ (ସାମୁହିକ ସାକ୍ଷାତ୍‌କାର)

ପ୍ରୋଗ୍ରାମ୍ ମୁତାବକ ୧୧:୩୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଭିତରେ ଥିବା ହଲ୍‌ରେ ପଦାର୍ପଣ କଲେ, ଯେଉଁଠି ଏ ବର୍ଷ ତମାମ୍ ବିଭିନ୍ନ ମାଧ୍ୟମରେ ପାକିସ୍ତାନ୍‌ରୁ ଆସି ଜର୍ମାନୀରୁ ପହଂଚିଥିବା ସଦସ୍ୟମାନେ ଏବଂ ଯୁବକମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ପ୍ରୋଗ୍ରାମ୍ ରଖାଯାଇଥିଲା । ସେହି ଯୁବକମାନଙ୍କର ମୋଟ ସଂଖ୍ୟା ୩୭୦ଥିଲା ଏବଂ ଏମାନେ ଜର୍ମାନୀର ଭିନ୍ନ ଭିନ୍ନ ୧୨୩ଟି ଜମାତ୍ ଓ ଇଲାକାରୁ ସାକ୍ଷାତ୍ କରିବା ପାଇଁ ଆସି ଏଠାରେ ପହଂଚିଥିଲେ । ଆଜି ଏମାନେ ସମସ୍ତେ ନିଜ ଜୀବନରେ ପ୍ରଥମଥର ପାଇଁ ଖଲିଫତୁଲ୍ ମସିହ୍‌ଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଉଥିଲେ ।

ଏହି ସମସ୍ତ ଲୋକମାନେ ନିଜ ଦେଶରେ ଦେଶର ଅତ୍ୟାଚାରୀ କାନୁନ୍ ଓ ନିଜ ଦେଶର ଲୋକମାନଙ୍କ ଉପରେ ହେଉଥିବା ଅତ୍ୟାଚାରରେ ପ୍ରପିଡୀତ ଥିଲେ । ଫଳତଃ ନିଜ ଘରବାଡି, ନିକଟ ସମ୍ପର୍କୀୟଙ୍କୁ ଛାଡି ଦୁଃଖ କଷ୍ଟକୁ ନିଜ ଛାତି ଭିତରେ ଚାପି ରଖି ଓ ଅଲ୍ଲାଃତାଲାଙ୍କ ଇଚ୍ଛାନୁସାରେ ପରିଚାଳିତ ଓ ସନ୍ତୁଷ୍ଟ ହୋଇ ହିଜ୍‌ରତ୍ କରି ଏ ଦେଶରେ ଆସି ରହୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଣଜଣ କରି ସମସ୍ତଙ୍କୁ ହାତ ମିଳାଇବାର ସୁଯୋଗ ପ୍ରଦାନ କଲେ ଓ କିଛି ଲୋକଙ୍କୁ ପଚାରିଲେ କି କେଉଁଠୁ ଆସିଛ ଓ କେଉଁ ଜମାତ୍‌ରୁ ଆସିଛ ? ଏହି ଯୁବକମାନେ ମଧ୍ୟ ପ୍ରିୟ ଆକାଙ୍କ ସହିତ ହାତ ମିଳାଇ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ବାର୍ତାଳାପ କରିବାର ସୌଭାଗ୍ୟ ପାଇଲେ । ଏହି ସମସ୍ତ ଲୋକମାନେ ଆଜି କେତେ ସୌଭାଗ୍ୟବାନ୍ ଥିଲେ କି ସେମାନେ ନିଜ ପ୍ରିୟ ଆକାଙ୍କ ଅତି ନିକଟରେ କିଛି କ୍ଷଣ ବିତାଇଲେ । ସେମାନଙ୍କର ଦୁଃଖ ଦୂର ହେଲା ଓ ହୃଦୟ ସନ୍ତୋଷତା ଲାଭ କଲା ଓ କଦାପି ଶେଷ ନହେଉଥିବା ସମ୍ପତିକୁ ନେଇ ଏଠାରୁ ବିଦାୟ ନେଲେ । ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପାଇବା ପରେ ଯେବେ ଏହି ଯୁବକମାନେ ମସ୍‌ଜିଦ୍‌ର ହଲ୍‌ଭିତରୁ ବାହାରକୁ ବାହାରିଲେ ସେତେବେଳେ ସେମାନଙ୍କ ମନ ଭିତରେ ଏକ ଅଜବ ଆନ୍ଦୋଳନ ଥିଲା । ଅଧିକାଂଶଙ୍କ ଆଖିରୁ ଅଶ୍ରୁ ବହୁଥିଲା ।

ଜିଲା ବହାଓ୍ୱଲ୍ ନଗର୍ ୧୧୬ ମୁରାଦ୍‌ରୁ ଆସିଥିବା ଜଣେ ଯୁବକ ନିଜର ମନୋଭାବ ବ୍ୟକ୍ତ କରି କହିଲେ କି ଆଜି ମୋ ଖୁସିର ସୀମା ନାହିଁ । ମୁଁ ଆଜି ହଜୁର୍‌ଙ୍କୁ ଦର୍ଶନ କରିଛି । ହଜୁର୍‌ଙ୍କ ସହିତ ହାତ ମିଳାଇଛି । ମୋ ଅନ୍ତରରେ ଏକ ସନ୍ତୋଷ ଲାଭ ହୋଇଛି । ଆଜିପର୍ଯ୍ୟନ୍ତ ସନ୍ତୁଷ୍ଟି କେବେ ମିଳିନଥିଲା । ଆଜି ଯେଉଁ ସୌଭାଗ୍ୟ ମୋତେ ମିଳିଛି ସେଥିପାଇଁ ମୁଁ ଇଶ୍ଵରଙ୍କୁ ଯେତେ ବି ଧନ୍ୟବାଦ ଦେଲେ ତାହା କମ୍ ହେବ ।

ରବୁଓ୍ୱାରୁ ଆସିଥିବା ଜଣେ ଯୁବକ କାନ୍ଦୁଥିଲେ । କହିବାକୁ ଲାଗିଲେ କି ଏହି କ୍ଷଣଗୁଡିକ ମୋ ପାଇଁ ଅବର୍ଣ୍ଣନୀୟ । ମୋ ମନକୁ ଆଜି ଶାନ୍ତି ମିଳିଲା । ମୁଁ କେତେ ସୌଭାଗ୍ୟବାନ୍ ଯେ ହଜୁର୍ ଅନୁଓ୍ୱର୍‌ଙ୍କୁ ଅତି ନିକଟରେ ଦେଖିବାକୁ ପାଇଲି ଓ ମଁ ମୋ ନିଜ ହାତକୁ ହଜୁର୍ ଅନୁଓ୍ୱର୍‌ଙ୍କ ହାତ ସହିତ ମିଶାଇଲି ।

ଲାହୋର୍‌ରୁ ଆସିଥିବା ଆଉଜଣେ ଯୁବକ କହିଲେ କି ମୁଁ ମୋ କୁଟୁମ୍ବର ହେଉଛି ଜଣେ ଅହେମଦୀ । ଯେଉଁ ସମୟକୁ ମୁଁ ଜୀବନସାରା ବହୁ ଦିନ ହେବ ଅପେକ୍ଷା କରିଥିଲି ତାହା ଆଜି ଆସିଗଲା । ପୁଣି କାନ୍ଦିକାନ୍ଦି କହିବାକୁ ଲାଗିଲା କି ଏବେ ଜଣାନାହିଁ ଏପରି ସମୟ ଆଉ କେବେ ଆସିବ ।

ରବୁଓ୍ୱାରୁ ଆସିଥିବା ଜଣେ ବନ୍ଧୁ କହିବାକୁ ଲାଗିଲେ କି ମୁ ରବୁଓ୍ୱାରୁ ଏଇଥିପାଇଁ ବାହାରିଥିଲି, ମୋର ଅସଲ ଉଦ୍ଦେଶ୍ୟ ଏହା ଥିଲା କି ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କରିବି । ଆଜି ସେହି ଉଦ୍ଦେଶ୍ୟ ପୁରଣ ହୋଇଗଲା । ବର୍ତମାନ ମୋ ଜୀବନର କୌଣସି ପରବାୟ ନାହିଁ । ମୁଁ ମୋର ଉଦ୍ଦେଶ୍ୟକୁ ପାଇସାରିଛି ।

ରବୁଓ୍ୱାରୁ ଆସିଥିବା ଜଣେ ଯୁବକ ନିଜ ଭାବନାକୁ ପ୍ରକାଶ କରି କହିଲେ କି ମୁଁ ବହୁ ଦିନରୁ ଦୁଆ କରୁଥିଲି କି ମୋର ଜୀବନରେ ସେ ଦିନ କେବେ ଆସିବ ଯେବେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବି । ଆଜି ମୁଁ କେତେ ସୌଭାଗ୍ୟବାନ୍ ଅଟେ କି ଅଲ୍ଲାଃଙ୍କ କରୁଣାରୁ ସେହିଦିନଟି ଆସିଗଲା ଓ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରି ହାତ ମିଳାଇଲି, ହଜୁର୍‌ଙ୍କୁ ଦର୍ଶନ କଲି ଏବଂ ହଜୁର୍‌ଙ୍କ ସହିତ କଥା ମଧ୍ୟ ହେଲି ।

ସିଆଲ୍‌କୋଟ୍‌ରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ କି ମୋତେ ସାକ୍ଷାତ୍ କରିବା ପାଇଁ ଗୋଟିଏ ସ୍ଵପ୍ନ ହୋଇଥିଲା । ତାହା ଆଜି ପୁରଣ ହୋଇଗଲା । ବର୍ତମାନ

ମୋର ଅବସ୍ଥା ଏପରି ହୋଇଯାଇଛି କି ଯାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ । ସାକ୍ଷାତ୍କାର୍ କରିବା ପୂର୍ବରୁ ମୁଁ ମୋ ପିଲାମାନଙ୍କୁ ଫୋନ୍ କରି ବତାଇଥିଲି କି ମୁଁ ଆଜି ହଜୁର୍ଙ୍କ ସହିତ ସାକ୍ଷାତ୍ କରୁଅଛି । ଏହାଶୁଣି ସେମାନେ କହିଲେ କି ହଜୁର୍ଙ୍କ ଖିଦ୍ମତ୍ରେ ଆମପାଇଁ ଦୁଆର ଦରଖାସ୍ତ କରିବେ କି ଅଲ୍ଲାଃତାଲା ଆମକୁ ପୁଣ୍ୟବାନ ବନାନ୍ତୁ ଏବଂ ଦୀନ୍ର ସେବା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଫଇସଲାବାଦ୍ରୁ ଆସିଥିବା ଜଣେ ଯୁବକ କହିଲେ କି ଆମେ ହଜୁର୍ ଅନୁଓ୍ୱର୍ଙ୍କୁ ସାକ୍ଷାତ୍ କରିବା ପାଇଁ ବ୍ୟାକୁଳ ଥିଲୁ । ଆଜି ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ହଜୁର୍ଙ୍କୁ ଅତ୍ୟନ୍ତ ନିକଟରୁ ଦେଖିଲୁ । ମୋର ବର୍ଷ ବର୍ଷର ତୃଷ୍ଣା ମେଂଟିଲା ।

ରବୁଓ୍ୱାରୁ ଆସିଥିବା ଜଣେ ଯୁବକ, ଯିଏ ହେଉଛନ୍ତି ଜଣେ ଇଞ୍ଜିନିୟର୍, ସେ କହିବାକୁ ଲାଗିଲେ କି ହଜୁର୍ଙ୍କ ସହିତ ସାକ୍ଷାତ୍ କରି ଏପରି ଲାଗିଲା ଯେପରି ମୁଁ ଏ ସଂସାରକୁ ଅଲଗା ହୋଇ ଆଉଗୋଟିଏ ସଂସାରକୁ ଚାଲିଯାଇଛି । ଯାହା ମୁଁ ଦେଖିଲି ତାହା ଏକ ସ୍ୱପ୍ନ ଥିଲା । ମୁଁ ତ ଆଜି ଯନ୍ନତ୍ର ଦୃଶ୍ୟକୁ ଦେଖିଲି ।

ଗୁଜ୍ରାଁଓ୍ୱାଲାରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ କି ମୁଁ ମୋ ଜୀବନରେ କେବେ ଏହା ଭାବିନଥିଲି କି ହଜୁର୍ ଅନୁଓ୍ୱର୍ଙ୍କ ସହିତ ମୋର ସାକ୍ଷାତ୍ ହେବ ବୋଲି । ଆଜି ମୁଁ ବହୁତ ସୌଭାଗ୍ୟଶାଳୀ ଯେ ନା କେବଳ ହଜୁର୍ ଅନୁଓ୍ୱର୍ଙ୍କୁ ଦେଖିଲି ବରଂ ହାତ ମଧ୍ୟ ମିଳାଇଲି । ମୁଁ ମୋ ଜୀବନରେ ଏହାକୁ ବହୁତ ବଡ ସୌଭାଗ୍ୟ ବୋଲି ଭାବୁଛି ।

ନାରୁଓ୍ୱାଲ୍ରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ କି ବର୍ତମାନ ମୋର ହୋସ୍ ଠିକ୍ ରୂପେ ଆସିନାହିଁ । ମୋ ହୃଦୟର ସ୍ପନ୍ଦନ ପ୍ରଖର ହୋଇଯାଇଛି । ତେଣୁ ମୁଁ ବର୍ଣ୍ଣନା କରିପାରିବି ନାହିଁ ।

କରାଚି ଔରଙ୍ଗି ଟାଉନ୍ରୁ ଆସିଥିବା ଜଣେ ଯୁବକ ବତାଇଲେ କି ଆଜି ମୁଁ ବହୁତ ସୌଭାଗ୍ୟଶାଳୀ ବ୍ୟକ୍ତି ଅଟେ । ଖୁଦାତାଲା ମୋତେ ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଓ ହାତ ମିଳାଇବାର ଅବସର ପ୍ରଦାନ କରିଛନ୍ତି । ମୁଁ ଏହା ଭାବୁଥିଲି ଯେ ବୋଧହୁଏ ଜୀବନରେ ଖଲିଫତୁଲ୍ ମସିହ୍ଙ୍କ ସହିତ ସାକ୍ଷାତ୍କାର୍ କରିବାର ସୌଭାଗ୍ୟ ମୋର ନାହିଁ । କିନ୍ତୁ ଆଜି ମୋ ଆନନ୍ଦର ସୀମା ନାହିଁ ।

ରବୁଓ୍ୱାରୁ ଆସିଥିବା ଜଣେ ଯୁବକ ବର୍ଣ୍ଣନା କଲେ କି ମୋ ଜୀବନରେ ଗୋଟିଏ ଇଛା ଥିଲା ଯାହା ଆଜି ପୁରଣ ହୋଇଯାଇଛି । ଇଶ୍ୱର ଯେଉଁ ଜ୍ୟୋତି ଦେଖାଇଛନ୍ତି ତାହା ପୁର୍ଣ୍ଣ ଜ୍ୟୋତି ଥିଲା । ମୁଁ ଗୋଟିଏ ଆଲୋକକୁ ଦେଖି । ମୁଁ ଆଉ ଆଗକୁ କିଛି ବର୍ଣ୍ଣନା କରିପାରିବି ନାହିଁ ।

ମଣ୍ଡି ବହାଉଦ୍ଦିନ୍ରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ କି ମୋ ମନରେ ଏ ଇଛା ଥିଲା ଓ ମୁଁ ସର୍ବଦା ଏ ଦୁଆ କରୁଥିଲି କି ଖୁଦାତାଲା ଏହି ମୁବାରକ୍ ଦିନଟିକୁ ମୋ ପାଇଁ ଆଣନ୍ତୁ । ଏବଂ ମୁଁ ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ କରିପାରିବି । ଖୁଦା ଆଜି ମୋର ମନୋବାଞ୍ଛା ପୂରଣ କରିଦେଇଛନ୍ତି ଓ ମୋ ଦୁଆ ଗ୍ରହଣୀୟ ହୋଇଯାଇଛି ଓ ମୁଁ ବହୁତ ବର୍କତ୍ ପାଇଛି ।

ରବୁଓ୍ୱାରୁ ଆସିଥିବା ଜଣେ ଖାଦିମ୍ ବୟାନ୍ କରୁଛନ୍ତି କି ରବୁଓ୍ୱାରେ ଆମେ ଡ୍ୟୁଟି କରୁ । ଆଜି ଇଶ୍ୱର ମୋ ଉପରେ ଏପରି କରୁଣା ଓ ଅନୁଗ୍ରହ କରିଛନ୍ତି ଯାହାକୁ ମୁଁ କଦାପି ଭୁଲିପାରିବି ନାହିଁ । ମୋର ଜୀବନରେ କେବଳ ଗୋଟିଏ ହିଁ ଇଛା ଥିଲା କି ମୋ ଜୀବଦଶାରେ ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ ହେଉ । ତାହା ଆଜି ଏହି ପବିତ୍ର ଦିନରେ ପୁରଣ ହୋଇଯାଇଛି । ଇଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ସାଙ୍ଗ୍ଲାହିଲ୍ରୁ ଆସିଥିବା ଜଣେ ଖାଦିମ୍ କହିବାକୁ ଲାଗିଲେ କି ମୁଁ ବହୁତ ସୌଭାଗ୍ୟଶାଳୀ ବ୍ୟକ୍ତି ଅଟେ । ଆଜି ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ କରିବାର ମୋର ଯେଉଁ ଅଭିଳାଶ ଥିଲା ତାହା ପୁରଣ ହୋଇଯାଇଛି ।

ରବୁଓ୍ୱାରୁ ଆସିଥିବା ଜଣେ ଯୁବକ ଅନବରତ କାନ୍ଦୁଥିଲା ଓ କାନ୍ଦି କାନ୍ଦି କହିଲା କି ବର୍ତମାନ ମୋ ପାଇଁ କଥା କହିବା କଷ୍ଟକର । ମୁଁ ମୋ ଜୀବନରେ ପ୍ରଥମଥର ପାଇଁ ହଜୁର୍ ଅନୁଓ୍ୱର୍ଙ୍କୁ ଏତେ ନିକଟରେ ଦେଖିବାକୁ ପାଇଲି ଓ ହଜୁର୍ଙ୍କ ସହିତ ହାତ ମିଳାଇଛି । ମୁଁ ପୁନର୍ବାର ମିଶିବାକୁ ଚାହୁଁଛି । ଏହା କହି ସେ ପୁଣି କାନ୍ଦିବା ଆରମ୍ଭ କରିଦେଲା ।

କନ୍ରି (ସିନ୍ଧ)ରୁ ଆସିଥିବା ଜଣେ ଖାଦିମ୍ କହିଲେ– କହିବା ପାଇଁ ମୋ ନିକଟରେ କିଛି ଶବ୍ଦ ନାହିଁ । ମୁଁ ମୋ ଜୀବନରେ ପ୍ରଥମଥର ପାଇଁ ହଜୁର୍ଙ୍କ ସହିତ ମିଶିଲି । ଆଗକୁ କିଛି ମୁଁ କହିପାରୁନାହିଁ ।

ରବୁଓ୍ୱାରୁ ଆସିଥିବା ଜଣେ ଖାଦିମ୍ କହିଲେ କି ବର୍ତମାନ ମୋ ମନ ଆନନ୍ଦରେ କାନ୍ଦୁଅଛି । କାରଣ ମୁଁ ହଜୁର୍ ଅନୁଓ୍ୱର୍ଙ୍କୁ ଦର୍ଶନ କଲି । ହଜୁର୍ ଅନୁଓ୍ୱର୍ଙ୍କ ସହିତ ହାତ ମିଳାଇଲି ଓ ପୁଣି ହଜୁର୍ଙ୍କ ସହିତ କଥା ମଧ୍ୟ ହେଲି । ହଜୁର୍ ମୋତେ ପଚାରିଲେ କି ଗୋଟିଏ ପୁଅ । ମୁଁ ଆଜି ଏଠାରୁ ବହୁତ ଖୁସିକୁ ସାଥିରେ ନେଇ ଯାଉଅଛି ।

ଅଧିକାଂଶ ଯୁବକ ଏ କଥାକୁ ପ୍ରକାଶ କଲେ କି ଆମକୁ ଏତେମାତ୍ରାରେ ଆନନ୍ଦ ପହଂଚିଛି କି ଆମ ନିକଟରେ ବର୍ଣ୍ଣନା କରିବା ପାଇଁ କିଛି ଶବ୍ଦ ନାହିଁ । ଆମ ମନ ଆନନ୍ଦରେ ଭରି ଯାଇଛି । ଆମେ ତାହା ସବୁକିଛି ପାଇସାରିଛୁ ଯାହା ବାବଦରେ କେବେ ଭାବି ମଧ୍ୟ ନଥିଲୁ । ଆଜି ସାକ୍ଷାତ୍ କରିଥିବା ଏହି ସମସ୍ତ ଲୋକେ ଓ ଯୁବକମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପାଇଲେ । ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ୧୨:୧୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍ତରକୁ ଗଲେ, ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍କାର୍ ଆରମ୍ଭ ହେଲା । ଆଜି ସକାଳର ଏହି ଶେସନ୍ରେ ୩୦ଗୋଟି ଫ୍ୟାମିଲିରୁ ୧୨୭ଜଣ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍ କରିବା ପାଇଁ ଆସିଥିବା ଏହି ଫ୍ୟାମିଲି ଗୁଡିକ ଜର୍ମାନୀର ବିଭିନ୍ନ ଜମାତ୍ରୁ ବହୁତ ଦୂର ରାସ୍ତା ଅତିକ୍ରମ କରି ବଇତୁସ୍ ସବୁହ୍ ଫ୍ରାଙ୍କ୍ଫର୍ଟ୍ଠାରେ ପହଂଚିଥିଲେ ।

ଆଜି ଜର୍ମାନୀ ବ୍ୟତୀତ ନିମ୍ନଲିଖିତ ଦେଶଗୁଡିକରୁ ମଧ୍ୟ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ମଧ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଚାଡ୍, ଲାଟ୍ଭ୍ୟା, ଅଷ୍ଟ୍ରିୟା, ୟୁନାନ୍, ପାକିସ୍ତାନ୍, ୟୁଗାଣ୍ଡା, ସିନିଗାଲ୍, ତନ୍ଜାନିଆ, କେନିଆ, ପର୍ତୁଗାଲ୍, ପୋଲାଣ୍ଡ୍, ଲିଥୁଆନିଆ ଏବଂ ବୁର୍କିନାଫାଶୋ ।

ସାକ୍ଷାତ୍ କରିବାକୁ ଆସିଥିବା ସମସ୍ତ ଲୋକେ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ସ୍କୁଲ୍ ଏବଂ କଲେଜ୍ରେ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍କାର୍ର ଏହି ପ୍ରୋଗ୍ରାମ୍ ଦ୍ୱିପ୍ରହର ୧:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଠିକ ୨ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍ଜିଦ୍ରେ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । ଉପରବେଳା ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

## ଫ୍ୟାମିଲି ସାକ୍ଷାତ୍କାର୍

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୬ଟାବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍ତରରେ ପହଂଚିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍କାରର ପ୍ରୋଗ୍ରାମ୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ଶେସନ୍ରେ ୪୫ଟି ଫ୍ୟାମିଲିରୁ ୧୬୪ଜଣ ସଦସ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସାକ୍ଷାତ୍କାର୍ କରିଥିବା ଏହି ଫ୍ୟାମିଲି ଗୁଡିକ ଜର୍ମାନୀର ଭିନ୍ନଭିନ୍ନ ୩୫ଟି ସହର ଓ ଜମାତ୍ରୁ ସାକ୍ଷାତ୍ କରିବା ପାଇଁ ଆସି ଏଠାରେ ପଂହଚିଥିଲେ । ଏମାନଙ୍କ ମଧ୍ୟରୁ କିଛି ଫ୍ୟାମିଲି ବହୁତ ଦୂର ରାସ୍ତା ଅତିକ୍ରମ କରି ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସି ଏଠାରେ ପହଂଚିଥିଲେ । ବିଶେଷ ରୂପେ ହେମ୍ବର୍ଗରୁ ଆସିଥିବା ଫ୍ୟାମିଲି ଗୁଡିକ ୫୦୦କି.ମି ଓ ବର୍ଲିନ୍ ସହରରୁ ଆସିଥିବା ୫୫୦କି.ମି ଦୂରତା ଅତିକ୍ରମ କରି ଆସି ପହଂଚିଥିଲେ ।

ଜର୍ମାନୀ ବ୍ୟତୀତ ବାହ୍ୟ ଦେଶଗୁଡିକ ଯେପରି ପାକିସ୍ତାନ୍, ନାଇଜେରିଆ, ଫିଜି ଏବଂ ୟୁ.ଏ.ଇ ରୁ ଆସିଥିବା ଫ୍ୟାମିଲି ଗୁଡିକ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହି ସମସ୍ତ ସଦସ୍ୟ ଓ ଫ୍ୟାମିଲି ଗୁଡିକ ଯେଉଁଠି ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ସେଠି ପ୍ରତ୍ୟେକ ସେହି ବାବରକତ୍ କ୍ଷଣରୁ ଅସରନ୍ତି ବର୍କତ୍କୁ ନେଇ ବାହାରକୁ ଆସୁଥିଲେ । ରୋଗୀମାନେ ନିଜ ସ୍ୱାସ୍ଥ୍ୟ ହାସଲ କରିବା ପାଇଁ ଦୁଆ ପାଇଲେ । ବିଭିନ୍ନ ଅସୁବିଧା ଓ ସମସ୍ୟାରେ ପ୍ରପିଡୀତ ଲୋକମାନେ ନିଜ ଦୁଃଖ କଷ୍ଟକୁ ଦୂର ହେବା ପାଇଁ ଦୁଆର ଦରଖାସ୍ତ କଲେ ଏବଂ ଆତ୍ମସନ୍ତୋଷ ଲାଭ କରି ହସହସ ମୁହଁରେ ବାହାରକୁ ବାହାରିଲେ । ଛାତ୍ରଛାତ୍ରୀମାନେ ନିଜ ଶିକ୍ଷା ଓ ପରୀକ୍ଷାରେ ସଫଳତା ହାସଲ କରିବା ପାଇଁ ନିଜ ପ୍ରିୟ ଆକାଙ୍କ ନିକଟରୁ ଦୁଆ ହାସଲ କଲେ । ସୁତରାଂ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରିୟ ଆକାଙ୍କ ଦୁଆରୁ ଭାଗ ପାଇଲେ । ଆରାମ୍, ଶାନ୍ତି ଓ ଆତ୍ମସନ୍ତୋଷ ଲଭିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ବହୁତ ସ୍ନେହର ସହିତ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର କୁନିକୁନି ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍କାରର ଏହି ପ୍ରୋଗ୍ରାମ୍ ୮:୨୦ ପର୍ଯ୍ୟନ୍ତ ଜାରି ରହିଲା ।

## ତକ୍ରିବେ ଆମିନ୍ (ଆମିନ୍ ଉତ୍ସବ)

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍ଜିଦ୍ର ହଲ୍ ଭିତରେ ପଦାର୍ପଣ କଲେ ଓ ସେଠାରେ ପ୍ରୋଗ୍ରାମ୍ ମୁତାବକ ତକ୍ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ୩୦ଜଣ ପୁଅଝିଅଙ୍କ ଠାରୁ ପବିତ୍ର କୋରାନ୍ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ଦାନିଶ୍ ଇନ୍ଆମ୍, ଲବିକ୍ ଅହେମଦ୍ ବାଜୁଓ୍ୱା, ଆକିଲ୍ ଅହେମଦ୍ ଅର୍କମ୍, ଅନ୍ସର୍ ଅହେମଦ୍ ଜାଓ୍ୱେଦ୍, ମିର୍ଜା ଶାୟାନ୍ ଅହେମଦ୍ ଆସିଫ୍, ଫରାଜ୍ ଅହେମଦ୍ ବଟ୍, ଫାରାନ୍ ତାହିର୍, ଅଦିୟାନ୍ ଅହେମଦ୍, ସର୍ମଦ୍ ଅହେମଦ୍ ଭଟ୍ଟି, ଅର୍ମାନ୍ ସାଲିକ୍, ହାଶିମ୍ ଜମିଲ୍, ରାଣା ସଲ୍ମାନ୍ ଅହେମଦ୍ ଏବ ମୁହମ୍ମଦ୍ ଫରିଦ୍ ।

ଅଜିଜା ତେହ୍ମିନା ମିର୍ଜା ଅହେମଦ୍, ମୁନିଫା ଜଫର୍, ଅନିକା ଅହେମଦ୍, ଅଞ୍ଜଲି କୁମାର୍, ହେବା ଅତ୍ହର୍, ମେରବ୍ ବଟ୍, ସଲ୍ମାନା ମିନ୍ହାସ, ଆନିଆ ଅହେମଦ୍, ଅଲିଜା ସୁଫିଆ ଅହେମଦ୍, ଅଲିଶା ଅହେମଦ୍, ହାନିଆ ଅହେମଦ୍, ନାସ୍ରା ଇର୍ଫାନ୍, ମନାହିଲ୍ ତସଓ୍ୱର୍ ବଟ୍, ଆୟୁନ୍ ଅଜ୍ହର୍, ଅମତୁସ୍ ଶାଫି ଭଟ୍ଟି, ଇନାୟା ବଟ୍ ଏବଂ ସବିକା ଅହେମଦ୍ ।

ତକ୍ରିବେ ଆମିନ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ମଗ୍ରିବ୍ ଏବଂ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । (କ୍ରମଶଃ...)

(ବହଓ୍ୱାଲା ଅଖ୍ବାର୍ ବଦର୍ ୨୦ ସେପ୍ଟେମ୍ବର୍ ୨୦୧୮)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

# ବୈବାହିକ ଜୀବନରେ ତଲାକ୍‌ର ବାସ୍ତବିକତା !

ଇସଲାମ ଧର୍ମ ଏକ ସଂପୂର୍ଣ୍ଣ ଧର୍ମ । ଏଥିରେ ସମସ୍ତ ସମସ୍ୟାର ସମାଧାନ ରହିଛି । ପୁରୁଷ ହେଉ ବା ମହିଳା ସମସ୍ତ ମାନବ ଜାତିକୁ ସମାନ ମାନବାଧିକାର ଦିଆଯାଇଛି । ପ୍ରତ୍ୟେକ ଧର୍ମରେ ବିବାହ ବନ୍ଧନ ଏକ ଶୁଭ ଓ ମଙ୍ଗଳମୟ ବନ୍ଧନହୋଇଥାଏ । କିନ୍ତୁ ଅନେକ କାରଣ ବଶତଃ ସ୍ୱାମୀ ସ୍ତ୍ରୀ ସମ୍ବନ୍ଧରେ ମନ ମାଳିନ୍ୟତା ଯୋଗୁଁ ବିଭ୍ରାଟ ସୃଷ୍ଟି ହୋଇଥାଏ । ଏପରି ପରିସ୍ଥିତିରେ ପୁରୁଷକୁ ଏବଂ ସ୍ତ୍ରୀକୁ ଇସଲାମୀୟ ବିଧାନ ଅନୁମତି ଦେଇଛି କି ସେମାନେ ଜଣେ ଅନ୍ୟଜଣ ଠାରୁ ଅଲଗା ହୋଇପାରିବେ । ଅର୍ଥାତ୍ ବିବାହ ବନ୍ଧନରୁ ମୁକ୍ତ ହୋଇପାରିବେ । ଏହି ପ୍ରକ୍ରିୟାକୁ ଇସଲାମୀୟ ଭାଷାରେ ''ତଲାକ୍'' ଏବଂ ''ଖୁଲା''କୁହାଯାଏ । ପୁରୁଷ ତରଫରୁ ବିବାହ ବନ୍ଧନରୁ ମୁକ୍ତି ପାଇଁ କରାଯାଇଥିବା କାର୍ଯ୍ୟକୁ ''ତଲାକ୍'' କୁହାଯାଏ ଏବଂ ମହିଳା ତରଫରୁ ବିବାହ ବନ୍ଧନରୁ ମୁକ୍ତି ପାଇଁ କରାଯାଇଥିବା କାର୍ଯ୍ୟକୁ ''ଖୁଲା'' କୁହାଯାଏ । ଅମାନ୍ୟକାରୀତା,ଦ୍ୱେଷ ଏବଂ ପର ପୁରୁଷ ପ୍ରତି ପ୍ରଲୋଭିତ କାରଣ ଥିବାବେଳେ ''ତଲାକ୍'' ଦେବାର ଅନୁମତି ରହିଛି । ପବିତ୍ର କୋରାନର ଅଧ୍ୟାୟ ୨ଆୟତ ୨୨୯ରେ ବର୍ଣ୍ଣନା ଅଛି, ଯେଉଁ ମହିଳା ମାନଙ୍କୁ ତଲାକ୍ ପ୍ରାପ୍ତ ହୁଏ ସେମାନେ ତିନି ଥର ଋତୁସ୍ରାବ ପର୍ଯ୍ୟନ୍ତ ନିଜେ ନିଜକୁ ଅଟକାଇ ରଖନ୍ତୁ ....ଏବଂ ସେ ସମୟ ମଧ୍ୟରେ ଯଦି ସେମାନଙ୍କ ସ୍ୱାମୀମାନେ ପରସ୍ପର ମଧ୍ୟରେ ମିଳାମିଶା କରିବାକୁ ଇଚ୍ଛୁକ ହୁଅନ୍ତି ତେବେ ସେମାନେ ସେ ପତ୍ନୀମାନଙ୍କୁ ଫେରାଇ ନେବା ଲାଗି ଅଧିକା ହକଦାର ଅଟନ୍ତି । ପୁଣି ଆୟତ ୨୩୦ରେ ବର୍ଣ୍ଣନା ଅଛି , ଏପରି ତଲାକ୍ ଯହିଁରେ ମିଳାମିଶା ହୋଇପାରିବ ତାହା ଦୁଇଥର ହୋଇପାରେ । ତାପରେ ହୁଏତ ପତ୍ନୀକୁ ସମୁଚିତ ପନ୍ଥାରେ ଅଟକାଇବାକୁ ହେବ ଅଥବା ସଦ୍‌ବ୍ୟବହାର ପୂର୍ବକ ବିଦାୟ ଦେବାକୁ ହେବ । ପୁଣି ଆୟତ ୨୩୧ରେ ବର୍ଣ୍ଣନା କରାଯାଇଛି କି ତା'ପରେ ଯଦି ଉପରେ ବର୍ଣ୍ଣିତ ଦୁଇଟି ତଲାକ୍ ଅତିବାହିତ ହେଲା ପରେ ମଧ୍ୟ ପତି ତାହାକୁ ତୃତୀୟ ତଲାକ୍ ଦିଏ ତେବେ ସେ ମହିଳା ତା ପାଇଁ ସେ ପର୍ଯ୍ୟନ୍ତ ବୈଧ୍ୟ ହେବ ନାହିଁ ଯେପର୍ଯ୍ୟନ୍ତ ସେ ମହିଳା ତା ବ୍ୟତୀତ ଅନ୍ୟ କୌଣସି ପତି ନିକଟକୁ ନ ଯାଇଛି; କିନ୍ତୁ ଯଦି ସେ (ଦ୍ୱିତୀୟ ପତି) ମଧ୍ୟ ତାହାକୁ ତଲାକ୍ ଦିଏ ତେବେ ଯଦି ସେ ଉଭୟଙ୍କର (ଅର୍ଥାତ୍ ପ୍ରଥମ ପତି ଓ ପତ୍ନୀଙ୍କର ) ବିଶ୍ୱାସ ହୁଏ ଯେ ସେମାନେ ଅଲ୍ଲାଃଙ୍କ ନିର୍ଦ୍ଧାରିତ ସୀମାକୁ ବଜାୟ ରଖିପାରିବେ ତେବେ ପରସ୍ପର ମଧ୍ୟରେ ପୁନର୍ବାର ମିଳାମିଶା କରିବାରେ କୌଣସି ପାପ ହେବ ନାହିଁ । ପୁଣି ଆୟତ ୨୩୨ରେ ଲେଖାଅଛି, ଯେତେବେଳେ ତୁମେ ମାନେ ପତ୍ନୀମାନଙ୍କୁ ତଲାକ୍ ଦିଅ ଓ ସେମାନେ ନିଜ ନିର୍ଦ୍ଦିଷ୍ଟ ସମୟର ଶେଷ ସୀମାରେ ଉପନୀତ ହୁଅନ୍ତି ସେତେବେଳେ ଏକେତ ସେମାନଙ୍କୁ ସମୁଚିତ ପନ୍ଥାରେ ଅଟକାଅ ବା ସେମାନଙ୍କୁ ସମୁଚିତ ପନ୍ଥାରେ ବିଦାୟ ଦିଅ; ଏବଂ ସେମାନଙ୍କୁ କଷ୍ଟ ଦେବା ଉଦ୍ଦେଶ୍ୟରେ ଆବଦ୍ଧ କରି ରଖ ନାହିଁ । ଯେଉଁ ବ୍ୟକ୍ତି ଏପରି କରିବ ତେବେ ବୁଝି ରଖ ଯେ ସେ ନିଜ ଉପରେ ହିଁ ଅତ୍ୟାଚାର କରିଅଛି । ଆୟତ ୨୩୩ରେ ଲେଖାଅଛି, ଯେତେବେଳେ ତୁମେମାନେ ପତ୍ନୀମାନଙ୍କୁ ତଲାକ୍ ଦିଅ ଓ ସେମାନେ ନିଜ ନିର୍ଦ୍ଦିଷ୍ଟ ଅବଧିକୁ ପୁରଣ କରନ୍ତି ଏବଂ ଯେତେବେଳେ ସେମାନେ ପରସ୍ପର ମଧ୍ୟରେ ଉତମ ପନ୍ଥାରେ ସମ୍ମତ ହୋଇଯାଆନ୍ତି ସେତେବେଳେ ସେମାନଙ୍କୁ ନିଜ ପତିମାନଙ୍କ ସହିତ ପୁଣି ବିବାହ କରିବାକୁ ବାରଣ କରନାହିଁ । ପୁଣି ଆୟତ ୨୩୮ରେ ବର୍ଣ୍ଣନା ଅଛି, ଯଦି ତୁମେମାନେ ମହର ଧାର୍ଯ୍ୟ ହେବା ପରେ କିନ୍ତୁ ସେମାନଙ୍କୁ ସ୍ପର୍ଶ କରିବା ପୂର୍ବରୁ ତଲାକ୍ ଦିଅ ତେବେ ଏପରି ପରିସ୍ଥିତିରେ ଯାହା ମହର ତୁମେମାନେ ଧାର୍ଯ୍ୟ କରିଅଛ ତାହାର ଅଧା ସେମାନଙ୍କୁ ଦେବାକୁ ହେବ ।''

ଉକ୍ତ''ତଲାକ୍''(ଛାଡପତ୍ର)ଦେବା ପୂର୍ବରୁ ଇସଲାମ ଶାନ୍ତି , ମୈତ୍ରୀ ଓ ଏକତାର ଶିକ୍ଷା ଓ ପଦ୍ଧତି ଅବଲମ୍ବନ କରିବାର ଆଦେଶ ଦେଇଥାଏ । ସୁତରାଂ ଅଲ୍ଲାଃ ପବିତ୍ର କୋରାନ ମାଧ୍ୟମରେ ଏଶିକ୍ଷା ଦେଇଛନ୍ତି ଯେ ଯଦି ଉକ୍ତ ସମସ୍ୟା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉପୁଜିଥାଏ ତେବେ ପ୍ରଥମେ ନିଜ ନିଜ ମଧ୍ୟରେ ଆପୋଷ ବୁଝା ମଣା କରି ସମସ୍ୟାର ସମାଧାନ କରିନିଆଯାଉ । ଦ୍ୱିତୀୟତଃ ଆବଶ୍ୟକ ସ୍ଥଳେ ସ୍ତ୍ରୀର ବିଛଣାକୁ ଅଲଗା କରି ଦିଆଯାଉ । ତୃତୀୟତଃ ଇସ୍‌ଲାମିୟ ନ୍ୟାୟାଧୀଶ (କାଜି) ଙ୍କ ଅନୁମତି କ୍ରମେ ଉଭୟ ପକ୍ଷରୁ ଜଣେ ଜଣେ ଓକିଲ ମୁତୟନ କରାଯାଇ, ସେମାନଙ୍କ ମଧ୍ୟରେ ମିତ୍ରତା ସ୍ଥାପନ କରାଯାଉ । ଯଦି ଉକ୍ତ ପ୍ରାରମ୍ଭିକ ଉପଚାର ଦ୍ୱାରା ସମସ୍ୟାର ସମାଧାନ ନହୋଇଥାଏ ତେବେ ପୁରୁଷ ଲିଖିତ ଆକାରରେ ଇସ୍‌ଲାମିୟ ନ୍ୟାୟାଧୀଶ କିମ୍ବା ଉକ୍ତ ଓକିଲଙ୍କ ମାଧ୍ୟମରେ ପ୍ରଥମ ''ତଲାକ୍''ର ଘୋଷଣା କରୁ । ପ୍ରଥମ ''ତଲାକ୍''ର ଅବଧି ଏକ ମାସ । ଅର୍ଥାତ୍ ସ୍ତ୍ରୀ ର ମାସିକ ପବିତ୍ରତା ପର୍ଯ୍ୟନ୍ତ । ଏହାକୁ ମିତ୍ରତା ସ୍ଥାପନ ଅର୍ଥାତ୍ ବାହୁଡିବା କୁହାଯାଇଥାଏ । ଏହି ମାସକ ମଧ୍ୟରେ ଯଦି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଯାଏ ତେବେ ସ୍ୱାମୀ ପୁନର୍ବାର ସ୍ତ୍ରୀ ସହ ପୁର୍ବ ପରି ଜୀବନ ଜାପନ କରିପାରିବ । ଯାହାକୁ ଇସଲାମୀୟ ଭାଷାରେ''ତଲାକ୍ -ଏ- ରଜୟୀ''କୁହାଯାଏ । ଯଦି ମିତ୍ରତା ସ୍ଥାପନ ହୋଇନପାରେ ତେବେ ଉକ୍ତ ଆଦେଶ ଅନୁଯାୟୀ ସ୍ତ୍ରୀର ମାସିକ ପବିତ୍ରତା ପରେ ଦ୍ୱିତୀୟ ''ତଲାକ୍'' ଉକ୍ତ ପ୍ରଥା ଅନୁଯାୟୀ ପୁରୁଷ ଘୋଷଣା କରିବ । ଏହାର ଅବଧି ମଧ୍ୟ ଏକ ମାସ ହୋଇଥାଏ । ଯଦି ଏହି ମାସକ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଯାଏ , ତେବେ ପୁନର୍ବାର ''ନିକାଃ'' କରିବା ଆବଶ୍ୟକ । ଯାହାକୁ ଇସଲାମୀୟ ଭାଷାରେ ''ତଲାକ୍ -ଏ- ବାଇନ୍'' କୁହାଯାଏ ଅର୍ଥାତ୍ ପୁନର୍ବିବାହ ସହ ବାହୁଡିବା । ଯଦି ଉକ୍ତ ପନ୍ଥାଦ୍ୱାର ମିତ୍ରତା ସ୍ଥାପନ ହୋଇନପାରେ ତେବେ ଉକ୍ତ ଆଦେଶ ଅନୁଯାୟୀ ସ୍ତ୍ରୀର ମାସିକ ପବିତ୍ରତା ପରେ ତୃତୀୟ ''ତଲାକ୍'' ଉକ୍ତ ପ୍ରଥା ଅନୁଯାୟୀ ପୁରୁଷ ଘୋଷଣା କରିବ । ଏହାକୁ ଇସଲାମୀୟ ଭାଷାରେ ''ତଲାକ୍ -ଏ-ବତ୍‌ତା''କୁହାଯାଏ । ଏହି ତଲାକ ପରେ ପୁରୁଷ ପୁନର୍ବାର ସେହି ସ୍ତ୍ରୀ ପାଖକୁ ବାହୁଡି ପାରିବ ନାହିଁ କି ତା ସହିତ ବିବାହ କରି ପାରିବ ନାହିଁ । ଏହା ପରେ ସେ ସ୍ତ୍ରୀ ର ଯଦି ଅନ୍ୟ କୌଣସି ପୁରୁଷ ସହିତ ବିବାହ ହେଲା ଏବଂ କୌଣସି କାରଣରୁ ସେ ଅର୍ଥାତ୍ ଦ୍ୱିତୀୟ ସ୍ୱାମୀ ସେ ସ୍ତ୍ରୀ କୁ ତଲାକ୍ ଦେଲା ତେବେ ପୂର୍ବ ସ୍ୱାମୀ ପୁନର୍ବାର ସେ ସ୍ତ୍ରୀ ସହ ବିବାହ କରିପାରିବ ।

''ତଲାକ୍'' ଇସଲାମ ଶିକ୍ଷା ଓ ବିଧାନ ଅନୁଯାୟୀ ଐଶୀ ଅନୁମତି ଅଟେ ,ଏହି ବିଧିର ବିଧାନକୁ କେହି ମଣିଷ କାଟିପାରିବ ନାହିଁ । ନା ହିଁ ଐଶୀ ଆଦେଶର ଅବମାନନା କରିବାର ସାହସ କରିପାରିବ । ଯେପରି ପୁରୁଷକୁ ଅନୁମତି ଅଛି କି ସେ ଉଚିତ୍ କାରଣ ଯୋଗୁଁ ତଲାକ୍ ଦେଇପାରିବ । ସେହିଭଳି ମହିଳାମାନଙ୍କୁ ମଧ୍ୟ ଅନୁମତି ଦିଆଯାଇଛି କି ସେମାନେ ଉଚିତ୍ କାରଣ ଯୋଗୁଁ ପୁରୁଷ ଠାରୁ ଖୁଲା ନେଇପାରିବେ । ଇସଲାମ ତଲାକ୍‌ର ଏପରି ପ୍ରକ୍ରିୟା ମଧ୍ୟରେ ଯେଉଁ ସମୟର ବ୍ୟବଧାନ ରଖିଛି,ତାହାର ଉଦ୍ଦେଶ୍ୟ ଏହା ହିଁ ଯେ ସ୍ୱାମୀ ସ୍ତ୍ରୀ ଦୁହିଁକୁ ନିଜ ନିଜ ମଧ୍ୟରେ ଆପୋଷ ବୁଝାମଣା କରିବାର ସମୟ ମିଳିପାରୁ । କିନ୍ତୁ ଇସଲାମର ସଠିକ ବିଧାନ ଓ ନୀତି ନିୟମ ନଜାଣିପାରି ଏକକାଳିନ ''ତଲାକ୍'' ''ତଲାକ୍'' ''ତଲାକ୍''କହିଦେଇ ସ୍ୱାମୀ ସ୍ତ୍ରୀ ଠାରୁ ଏବଂ ସ୍ତ୍ରୀ ସ୍ୱାମୀ ଠାରୁ ଅଲଗା ହୋଇଯିବା ଏକ ନିଷ୍ଠୁରତାର ପରିଚୟ ମାତ୍ର । ଇସଲାମ ସର୍ବକ୍ଷେତ୍ରରେ ମଧ୍ୟମ ନୀତିକୁ ଆପଣାଇ ଥାଏ । ପ୍ରକୃତିର ନିୟମକୁ ଭଙ୍ଗ ନକରି ଅନୁକୂଳ ପ୍ରକ୍ରିୟାରେ ସବୁ ସମସ୍ୟାର ସମାଧାନ କରିଥାଏ । କାହାରି ଉପରେ ଅନ୍ୟାୟ ଅତ୍ୟାଚାର କରିନଥାଏ କି କାହାରି ଅଧିକାରକୁ ଛଡ଼ାଇ ନେଇନଥାଏ । ବରଂ ସର୍ବେ ଭବନ୍ତୁ ସୁଖିନଃର ଶାନ୍ତି ଓ ଶୃଙ୍ଖଳିତର ବାର୍ତା ଦେଇଥାଏ । ଇସଲାମ ଧର୍ମର ପ୍ରବର୍ତକ ପୈଗମ୍ବର ହଜରତ ମୁହମ୍ମଦ ସ:ଅ:ସ କହିଛନ୍ତି, ତଲାକ୍ ଦେବା ମୋତେ ବହୁତ ଦୁଃଖ ଦେଇଥାଏ । ନିଃସନ୍ଦେହରେ ଏହା ଏକ ଘୃଣ୍ୟ କାର୍ଯ୍ୟ । ଏହାର ଅପର ପକ୍ଷେ ଇସଲାମ ବୈବାହିକ ଜୀବନକୁ ସୁଖ ଶାନ୍ତିରେ ଅତିବାହିତ କରିବା ଲାଗି ପ୍ରତ୍ୟେକ ପୁରୁଷ ତଥା ସ୍ତ୍ରୀ ଉଭୟ ପ୍ରତି କେତେକ କର୍ତବ୍ୟ ନ୍ୟସ୍ତ କରିଛି । ପ୍ରଥମତଃ ପୁରୁଷକୁ ଆଦେଶ ଦିଆଯାଇଛି କି ସେ ବିବାହ ନିମନ୍ତେ ଏକ ସୁନ୍ଦର ସୁଶୀଳ ଏବଂ ଗୁଣବନ୍ତି ତଥା ଧାର୍ମିକ ମହିଳାର ଚୟନ କରୁ । ଯଦ୍ଧାରା ସର୍ବଦା ପରିବାରରେ ଧର୍ମପରାୟଣତା, ଭଦ୍ରତା ଓ ଶାନ୍ତି ତିଷ୍ଠି ରହିପାରୁ । ବିବାହ ପରେ ସ୍ତ୍ରୀ ସହ ଉତମ ବ୍ୟବହାର କରାଯାଉ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ଏକତା ଏବଂ ଉପଯୁକ୍ତ ବୁଝାମଣା ରହୁ । ଜଣେ ଅନ୍ୟ ଜଣ ପ୍ରତି ସମ୍ମାନ ଓ ଶ୍ରଦ୍ଧା ବ୍ୟକ୍ତ କରୁ । କ୍ଷମା ଓ ଦୟାଭାବ ପ୍ରଦର୍ଶନ କରୁ । ଛୋଟ ଛୋଟ କଥାରେ ରାଗରୋଷ ତଥା ଅସାମାଜିକ ଓ ଅଶ୍ଳିଳ ଭାଷା ନକୁହାଯାଉ । ପୁରୁଷ,ସ୍ତ୍ରୀର ପିତାମାତା ପ୍ରତି ଏବଂ ସ୍ତ୍ରୀ,ପୁରୁଷର ପିତା ମାତା ପ୍ରତି ସର୍ବଦା ସମ୍ମାନ ଓ ସେବାର ମନୋଭାବ ବ୍ୟକ୍ତ କରୁ । ପରିବାରର ବଡ଼ମାନଙ୍କ ପ୍ରତି ଶ୍ରଦ୍ଧା ଓ ଛୋଟମାନଙ୍କ ପ୍ରତି ଦୟା ଓ ସହାନୁଭୂତି ପ୍ରଦର୍ଶନ କରାଯାଉ । ଇସଲାମର ଏହି ସୁନ୍ଦର ଶିକ୍ଷାକୁ ଯଦି ଆମେ ଭଲଭାବେ ବୁଝି ତତ୍‌ଅନୁଯାୟୀ କାର୍ଯ୍ୟକାରି କରିବା ନିଶ୍ଚିତରେ ଆମ ବୈବାହିକ ଜୀବନ ସୁଖ ସମୃଦ୍ଧିରେ ଅଗ୍ରସର ହୋଇପାରିବ । ଆଜିର ଏହି ଅଶାନ୍ତ ଓ ଆତଙ୍କିତ ବିଶ୍ୱରେ ଅହମଦୀୟା ମୁସଲିମ ଜମାତ ଇସଲାମର ଏହି ସୁନ୍ଦର ଶିକ୍ଷାକୁ ଯାହା ଆଜି କେତେକ ମୁଲ୍ଲା ଓ ମୌଳବାଦୀମାନଙ୍କ ଯୋଗୁଁ ଅପଭ୍ରଂଶ ହୋଇଯାଇଛି ପୁନଃସ୍ଥାପିତ କରିବା ତଥା ବିଶ୍ୱଶାନ୍ତି, ଭ୍ରାତୃଭାବ ଏବଂ ମାନବାଧିକାର ସ୍ଥାପିତ କରିବା ପାଇଁ ଆମର ଏହା ଆଉ ଏକ ପ୍ରୟାସ ।

**କେରଙ୍ଗ,ଖୋର୍ଦ୍ଧା-୯୬୯୨୨୨୫୦୫୭**
**haquekhan77@gmail.com**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 04 October 2018 Issue No.40

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ସେପ୍ଟେମ୍ବର ୨୦୧୮)

## ୨ ସେପ୍ଟେମ୍ବର ୨୦୧୮ (ରବିବାର)

ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୫:୪୦ରେ ଆସି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

### ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ଠିକ ୧୨ଟା ସମୟରେ ହଜୁର୍ ଅନୁଓ୍ୱର୍ ନିଜ ଦଫତରକୁ ଆସିଲେ ଓ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳର ଏହି ସେସନ୍‌ରେ ୪୦ଟି ଫ୍ୟାମିଲିରୁ ୧୨୫ ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍ କରିବାକୁ ଆସିଥିବା ଏହି ପରିବାର ଗୁଡିକ ଜର୍ମାନୀର ନିମ୍ନଲିଖିତ ଭିନ୍ନ ଭିନ୍ନ ଜମାତ୍‌ରୁ ଆସିଥିଲେ । -ଗେବନ୍, କୋବ୍‌ଲଞ୍ଜ୍, ରୁଡ୍‌ରିମାର୍କ୍, ୟୁ.ଏଲ୍.ଏମ୍, ପେଡର୍ ବୋରନ୍, ଏଚ୍ ଓ୍ୱାର୍ମ୍‌ଜ, ଓ୍ୱେରସନ୍, କାଏସ୍‌ରାଲ୍ ଆଉଟନ୍, ରିଟିନ୍‌ଜନ୍, କାସ୍‌ରୋଏ, ଓ୍ୱିଜ୍‌ବାଓ୍ୱେନ୍, ଡାର୍ମ୍‌ଷ୍ଟଡ୍, ଆଖନ୍, ଫ୍ରାଙ୍କ୍‌ନାଥେଲ୍, ହିଟର୍ ଶାଏନ୍, ଡାଇଜନ୍ ବାଖ, ମାର୍‌ବର୍ଗ୍, ହାମ୍‌ବର୍ଗ୍, ବେଡ୍‌ଷ୍ଟେଡନ୍, ଅଓସ୍‌ନା ବ୍ରୋକ୍, କ୍ୟାମ୍ପ୍‌ଟନ୍, କୋଲନ୍, ବ୍ରିଜ୍‌ସନ୍ ଗ୍ଲେଡ୍‌ବାଖ୍, ନିଡା, ଆଖନ୍‌ବାଗ୍ ଏବଂ ଏଲ୍ ଜେ ।

କିଛି ଫ୍ୟାମିଲି ଗୁଡିକ ଓ ଅନ୍ୟ କିଛି ସଦସ୍ୟମାନେ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ସାକ୍ଷାତ୍ କରିବା ପାଇଁ ଏଠାରେ ପହଂଚିଥିଲେ । କୋବଲଞ୍ଜ୍ ଏବଂ କାସରଲ୍ ଆଉଟନ୍‌ରୁ ଆସିଥିବା ଲୋକେ ୧୩୦କି.ମିର ଯାତ୍ରା ଅତିକ୍ରମ କରି ଆସିଥିଲେ । କୋଲନ୍ ଏବଂ ବ୍ରିଜ୍‌ସନ୍‌ରୁ ଆସିଥିବା ଫ୍ୟାମିଲି ଗୁଡିକ ୨୦୦କି.ମି ଏବଂ ପିଡର୍ ବୁରନ୍‌ରୁ ଆସିଥିବା ଫ୍ୟାମିଲି ୨୫୦କି.ମି, ଆଖୋନ୍‌ରୁ ଆସିଥିବା ୨୬୫କି.ମି, ୟୁ.ଏଲ୍.ଏମ୍‌ରୁ ଆସିଥିବା ୩୦୦କି.ମି ରାସ୍ତା ଅତିକ୍ରମ କରି ପହଂଚିଥିଲେ । ଯେବେ କି ଔସନା ବ୍ରୋକ୍‌ରୁ ଆସିଥିବା ଫ୍ୟାମିଲି ୩୨୫କି.ମି, କ୍ୟାମ୍ପ୍‌ଟନ୍ ସହରରୁ ଆସିଥିବା ଫ୍ୟାମିଲି ୪୫୦କି.ମି, ହମ୍‌ବର୍ଗ୍‌ରୁ ଆସିଥିବା ଫ୍ୟାମିଲି ଗୁଡିକ ୫୫୦କି.ମିର ଲମ୍ବା ରାସ୍ତା ଅତିକ୍ରମ କରି ଏଠାରେ ପହଂଚିଥିଲେ ।

ଜର୍ମାନୀର ଏହି ଫ୍ୟାମିଲି ଗୁଡିକ ପାକିସ୍ତାନ୍ ଏବଂ କେନିଆରୁ ଆସିଥିବା ସଦସ୍ୟମାନେ ମଧ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସବୁ ଫ୍ୟାମିଲି ଗୁଡିକ ଓ ସଦସ୍ୟମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀ ମାନଙ୍କୁ କଲମ ପ୍ରଦାନ କଲେ । ଛୋଟ ବୟସର ପୁଅଝିଅ ମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ଦିନ ଦ୍ୱିପ୍ରହର ୨ଟା ପର୍ଯ୍ୟନ୍ତ ଜାରି ରହିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପହଂଚି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ପୁଣି ତୃତୀୟ ପ୍ରହରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

### ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ଠିକ୍ ୬ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତର୍‌ରେ ପହଂଚିଲେ ଓ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାର ଏହି ସେସନ୍‌ରେ ୫୦ଗୋଟି ଫ୍ୟାମିଲିର ୧୮୫ଜଣ ଲୋ ସାକ୍ଷାତ୍ କରିବା ସୌଭାଗ୍ୟ ପ୍ରାପ୍ତ କଲେ ଓ ଏମାନେ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ପୁଅ ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ଆଜି ସନ୍ଧ୍ୟାର ଏହି ସେସନ୍‌ରେ ସାକ୍ଷାତ୍ କରିବାକୁ ଆସିଥିବା ଫ୍ୟାମିଲି ଗୁଡିକ ଜର୍ମାନୀର ବିଭିନ୍ନ ୪୦ଟି ଜମାତ୍‌ରୁ ଓ ସହରରୁ ଏଠାରେ ଆସି ପହଂଚିଥିଲେ । ଯେଉଁମାନଙ୍କ ଭିତରୁ କିଛି ଫ୍ୟାମିଲି ଓ ସଦସ୍ୟମାନେ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଆସି ଏଠାକୁ ପହଂଚିଥିଲେ । କୋଲନ୍‌ରୁ ଆସିଥିବା ଫ୍ୟାମିଲି ଗୁଡିକ ୨୦୦କି.ମି, ବୋଚମରୁ ଆସିଥିବା ଫ୍ୟାମିଲି ଗୁଡିକ ୨୫୦କି.ମି ଏବଂ ଔଲମ୍ ଡୋନାଓରୁ ଆସିଥିବା ଫ୍ୟାମିଲି ଗୁଡିକ ୩୦୦କି.ମିର ଯାତ୍ରା ଅତିକ୍ରମ କରି ଆସି ଏଠରେ ପହଂଚିଥିଲେ । ଯେବେ କି ବାନୁଓ୍ୱର୍‌ରୁ ଆସିଥିବା ଫ୍ୟାମିଲି ଗୁଡିକ ୩୫୦କି.ମି, ମ୍ୟୁନିଖ୍‌ରୁ ଆସିଥିବା ଫ୍ୟାମିଲି ଗୁଡିକ ୫୦୦ କି.ମି, ହେମ୍‌ବର୍ଗ୍ ଜମାତ୍‌ରୁ ଆସିଥିବା ଫ୍ୟାମିଲି ଗୁଡିକ ୫୫୦କି.ମିର ଲମ୍ବା ରାସ୍ତା ଯାତ୍ରା କି ଆସି ଏଠାରେ ପହଂଚିଥିଲେ । ଆଜି ସାକ୍ଷାତ୍ କରିଥିବା ଲୋକମାନଙ୍କ ମଧ୍ୟରୁ ବହୁତ ପରିବାର ଏପରି ଥିଲେ ଯେଉଁମାନେ ନିଜ ଜୀବନରେ ପ୍ରଥମଥର ପାଇଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଉଥିଲେ ।

ଫହିମ୍ ରେହ୍‌ମାନ୍ ସାହେବ୍ ନାମକ ଜଣେ ବନ୍ଧୁ କହିଲେ କି, ଆମ ଜୀବନରେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହା ଥିଲା ଆମର ପ୍ରଥମ ସାକ୍ଷାତ୍‌କାର୍ । ମୋ ପାଇଁ ନିଜ ଭାବନାକୁ ଶବ୍ଦରେ ବ୍ୟକ୍ତ କରିବା ବହୁତ କଷ୍ଟକର କଥା । ମୁଁ ଏହାର ଶକ୍ତି ପାଉନାହିଁ । ହଜୁର୍ ତ ହେଉଛନ୍ତି ନୁର୍ ହି ନୁର୍ (ଅର୍ଥାତ୍ ଜ୍ୟୋତି ହିଁ ଜ୍ୟୋତି) । ଆଜ ଜୀବନରେ ସବୁଠୁ ବଡ ସୌଭାଗ୍ୟ ହୋଇଛି ଏହା କି ଆମେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କରୁ । ତାଙ୍କ ସ୍ତ୍ରୀ କହିଲେ କି ଆଜିର ସାକ୍ଷାତ୍‌କାର ଆଜ ଜୀବନରେ ଏହା ପ୍ରଥମ ଅବସର ଥିଲା, ତେଣୁ ଆମେ ବର୍‌କତ୍‌କୁ ଏଠାରୁ ନେଇ ଯାଉଅଛୁ ।

ଆଉଜଣେ ବନ୍ଧୁ କଲିମ୍ ଅହେମଦ୍ ଐଓ୍ୱାନ୍ ସାହେବ୍ କହୁଛନ୍ତି କି ହଜୁର୍ ଅନୁଓ୍ୱର୍ ଆମ ସମସ୍ତଙ୍କୁ ବହୁତ ସ୍ନେହ କଲେ । ଆମ ଫ୍ୟାମିଲିର ସମସ୍ତ ଲୋକଙ୍କୁ ଜଣ ଜଣ କରି ପଚାରିଲେ ଓ ସମସ୍ତଙ୍କୁ ସ୍ନେହ କଲେ । ବିଶେଷ ରୂପେ ମୋର ପୁତ୍ରକୁ ବହୁତ ଅଧିକ ପ୍ରେମ କଲେ । ଏବଂ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମୁଦିଟିକୁ ତା ଚେହେରାରେ ନେଇ ରଖିଲେ । ଯେଉଁ ଅସୁବିଧା ଓ ବିବଶତାକୁ ଆମେ ନେଇ ଏଠାକୁ ଆସିଥିଲୁ ଆଜି ଏହି ସାକ୍ଷାତ୍ କରିବା ପରେ ଏପରି ଲାଗୁଛି କି ତାହା ସବୁ ଶେଷ ହୋଇଯାଇଛି ।

ତାଙ୍କ ସ୍ତ୍ରୀ କହିବାକୁ ଲାଗିଲେ ଯେ ସାକ୍ଷାତ୍ କରିବାର ଖୁସିରେ ମୋ ଶରୀର କମ୍ପୁଅଛି । ନିଜର ଜୀବଦଶାରେ କୌଣସି ଖଲିଫା ମାନଙ୍କ ସହିତ  ହେଉଛି ମୋର ଏହା ପ୍ରଥମ ସାକ୍ଷାତ୍‌କାର । ଯେବେ ମୁଁ ପ୍ରଥମଥର ପାଇଁ ହଜୁର୍‌ଙ୍କୁ ଦେଖିଲି ସେତେବେଳେ ହଜୁରଙ୍କ ପବିତ୍ର ଚେହେରାରେ ଗୋଟିଏ ଏପରି ଆଲୋକ ଥିଲା ଯାହା ସମ୍ପୂର୍ଣ୍ଣ କୋଠରିଟକୁ ପ୍ରଜ୍ୱଳିତ କରୁଥିଲା ।

ସିରାଜ୍ ଅହେମଦ୍ ସାହେବ୍‌ଙ୍କ ସ୍ତ୍ରୀ ବର୍ଣ୍ଣନା କରୁଛନ୍ତି କି ମୋ ଜିବନରେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହା ଥିଲା ପ୍ରଥମ ସାକ୍ଷାତ୍‌କାର । ଆମେ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ମୁଖରେ ଥିଲୁ, ବହୁତ ନିକଟରେ ଥିଲୁ । ମୋତେ ତ ଏହା ଏକ ପ୍ରକାର ସ୍ୱପ୍ନ ଲାଗୁଥିଲା ଯାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ । ସୁତରାଂ ମୁଁ ହଜୁର୍‌ଙ୍କୁ ଚେହେରାରେ ଜ୍ୟୋତି ହିଁ ଜ୍ୟୋତି ଦେଖିବାକୁ ପାଇଲି । ମୋର ପ୍ରାର୍ଥନା ରହିଛି କି ଅଲ୍ଲାଃତାଲା ସମସ୍ତଙ୍କର ଭାଗ୍ୟରେ ଏହିପରି ସାକ୍ଷାତ୍‌କାର୍ ଜୁଟାନ୍ତୁ ଓ ପ୍ରିୟ ଆକାଙ୍କ ଛତ୍ରଛାତ୍ରା ଆମ ମୁଣ୍ଡ ଉପରେ ସଦାସର୍ବଦା ସଲାମତ୍ ରହୁ ଓ ଆମକୁ ଅଲ୍ଲାଃତାଲା ଏପରି ବନାନ୍ତୁ ଯେପରି ହଜୁର୍ ଚାହୁଁଛନ୍ତି ।

ଆଉଜଣେ ବନ୍ଧୁ ଅଓ୍ୱେସ୍ ମଲକ୍ ସାହେବ୍ କହିବାକୁ ଲାଗିଲେ କି ମୋ ସ୍ତ୍ରୀ ଓ ମୋ ପିଲାମାନେ ପ୍ରଥମଥର ପାଇଁ ହଜୁର୍‌ଙ୍କୁ ସାକ୍ଷାତ୍ କରୁଛନ୍ତି । ତାଙ୍କ ସ୍ତ୍ରୀ କହିବାକୁ ଲାଗିଲେ ଯେତେବେଳେ ଆମେ ଜାଣିଲୁ କି ଆମକୁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାକୁ ହେବ ସେତେବେଳେ ଆମେ ଖୁସିରେ ରାତି ତମାମ୍ ଠିକ୍ ରୂପେ ଶୋଇ ପାରିଲୁ ନାହିଁ । ଆଜି ଆମକୁ ଆମ ଜୀବନରେ ଏପରି ସୌଭାଗ୍ୟ ମିଳିଛି ଯାହା ଅବର୍ଣ୍ଣନୀୟ ।

ହଜୁର୍ ଅନୁଓ୍ୱର୍‌ଙ୍କ ଦଫ୍‌ତରରୁ ଯିଏ ମଧ୍ୟ ସାକ୍ଷାତ୍ କରି ବାହାରକୁ ଆସୁଥାଏ ସେ ଭାବବିହୋଳ ହୋଇ ବାହାରୁଥାଏ । ପ୍ରତ୍ୟେକଙ୍କ ନିଜ ନିଜର ଭାବନା ରହିଛି । ସେହି ଲୋକମାନେ କିଛିଘଂଟା ନିଜ ପ୍ରିୟ ଆକାଙ୍କ ନିକଟରେ ବିତାଇଲେ ତାହା ତାଙ୍କ ସମ୍ପୂର୍ଣ୍ଣ ଜିନ୍ଦେଗୀର ସମ୍ପତି ଏବଂ ତାଙ୍କ ପାଇଁ ଓ ତାଙ୍କ ପିଲାମାନଙ୍କ ପାଇଁ ଅବିସ୍ମରଣୀୟ କ୍ଷଣ ଥିଲା । ପ୍ରତ୍ୟେକ ନିଜ ପ୍ରିୟ ଆକାଙ୍କ ପ୍ରାର୍ଥନାରୁ ଭାଗ ପାଇଲେ ଓ ବର୍‌କତ୍ ହାସଲ କଲେ । ଦେଖିବାର ଶୋଷ ମେଂଟିଲା ଓ ଏହି ଅଳ୍ପ କିଛି ପବିତ୍ର କ୍ଷଣ ସେମାନଙ୍କର ଶୋଷକୁ ସଦାସର୍ବଦା ପାଇଁ ମେଂଟାଇଲ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୮:୦୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ହଲ୍ ଭିତରକୁ ପ୍ରବେଶ କଲୋ ଓ ସେଠାରେ ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ) ଅନୁଷ୍ଠିତ ହେଲା ।

### ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ୨୮ଜଣ ପୁଅ ଝିଅଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ । ନିମ୍ନଲିଖିତ ସୌଭାଗ୍ୟବାନ୍ ଓ ସୌଭାଗ୍ୟବତୀ ପୁଅ ଝିଅମାନେ ଆମିନ୍‌ର ଉତ୍ସବରେ ସାମିଲ୍ ହେବାର ସୌଭାଗ୍ୟ ପାଇଲେ ।

ଅଜିଜମ୍ ଅଫ୍‌ଫାନ୍ ଲତିଫ୍, ମାହିର୍ ଅହେମଦ୍ ତାହିର୍, କ୍ରିସନ୍ ୟୁସୁଫ୍, ଆୟାନ୍ ମଲକ୍, ଫାହାରସ୍ ଇକ୍‌ବାଲ୍, ମୁନିଫ୍ ନଇମ୍, ଶାୟାନ୍ ତାହେର୍, ସର୍‌ମଦ୍ ଅହେମଦ୍ ଚିମା, ମୁନିସ୍ ଅହେମଦ୍, ବାସିଲ୍ ରିହାନ୍ ଚିମା, ରେହ୍‌ମାନ୍ ଖୋଖର୍, ମୁନିବ୍ ଅହେମଦ୍, ଖାତମ୍ ଅଫ୍‌ଜାଲ୍, ଖଲିକ୍ ଅହେମଦ୍ ଶାଆଦ୍, ଫରାଜ୍ ଅହେମଦ୍ ସ୍ୟାହି ଏବଂ ଫାରାନ୍ ତାରିକ୍ ।

ଅଜିଜା ଦାନିୟା ଆରାଇଁ, ଶାଫିୟା ଖାନ୍, ଅତିୟତୁଲ୍ ଖାଲିକ୍, ସୋହା ମିର୍ଜା, ଜୈନବ୍ ମୁବଶିର୍ କାହାଲୁଁ, ଆତିଫା କରନ୍ ଫୈଜାନ୍, ଲବିକା ଆମିର୍, ନାଦିୟା ଅହେମଦ୍, ସାନିୟା ଶଫ୍‌କତ୍, ସାଏରା ଅହେମଦ୍, ଏହ୍‌ଶାଲ୍ ମୁଦସିର୍ ବଟ୍ ଏବଂ ମନାହିଲ୍ ଇଲାହି ଚିମା ।

ଏହି ପୁଅ ଓ ଝିଅମାନେ ଜର୍ମାନୀର ୨୬ଗୋଟି ଜମାତ୍‌ରୁ ଆସି ତକ୍‌ରିବେ ଆମିନ୍‌ରେ ଯୋଗଦେବା ପାଇଁ ଏଠାରେ ପହଂଚିଥିଲେ । ୮:୨୦ ରେ ତକ୍‌ରିବେ ଆମିନ୍ ଶେଷ ହେଲା । ନମାଜ ମଗ୍‌ରିବ୍ ଓ ଇସା ପଢ଼ିବାକୁ ଆଉ ୧୦ମିନିଟ୍ ବାକି ଥିଲା । ଏହି ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଅମିର ସାହେବ୍ ଜର୍ମାନୀଙ୍କ

*ଅବଶିଷ୍ଟାଂଶ ପୃଷ୍ଠା-୦୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan